## ଧର୍ମଶାଳା ପ୍ରେସ୍ କ୍ଲବର ୨୧ତମ ବାର୍ଷିକ ଉତ୍ସବ

# ‘ନିରପେକ୍ଷତାର ସହ ସତ୍ୟତାକୁ ପ୍ରକାଶ କରାଯାଇପାରେ’

ଧର୍ମଶାଳା, ୧।୩ (ସମିସ): ଧର୍ମଶାଳା ପ୍ରେସ୍ କ୍ଲବର ୨୧ତମ ବାର୍ଷିକ ଉତ୍ସବ ଓ ସମ୍ବର୍ଦ୍ଧନା ପର୍ବ ଜାରକାସ୍ଥ କଳ୍ପତରୁ ଦାସ ଇଣ୍ଡୋର ଷ୍ଟାଡିୟମ୍ ସଭା ଗୃହରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରେସ୍ କ୍ଲବ୍‌ର ସଭାପତି ରମାକାନ୍ତ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଧର୍ମଶାଳା ବିଧାୟକ ନିର୍ବାଚନ ମଣ୍ଡଳୀକୁ ଏକ ସ୍ୱତନ୍ତ୍ର ନିର୍ବାଚନ ମଣ୍ଡଳୀ ଭାବେ ଗଢି ତୋଳିବା ପାଇଁ ଆମେ ସମସ୍ତେ ପ୍ରୟାସ କରିବା ବୋଲି ସାମ୍ବାଦିକ ଓ ଉପସ୍ଥିତ ବୁଦ୍ଧିଜୀବୀଙ୍କୁ ଆହ୍ୱାନ ଦେଇଥିଲେ।

ଅତିଥି ଭାବେ ଭୁବନେଶ୍ୱର ମେୟର ସୁଲୋଚନା ଦାସ ଯୋଗଦେଇ ନ୍ୟସ୍ତସ୍ୱାର୍ଥରୁ ଉର୍ଦ୍ଧ୍ୱରେ ରହି ସମ୍ବାଦ ସ୍ଥାନରେ ରହିଥିବାବେଳେ ସମ୍ପ୍ରତି ଏହାର ସ୍ଥାନ ୧୬୧କୁ ଖସି ଆସିଛି। ସେ ସମୟରେ ସାମ୍ବାଦିକତାର ମୂଲ୍ୟବୋଧକୁ ଶାଣିତ କରିବାକୁ ହେଲେ ସାମ୍ବାଦିକ ସଂଘବଦ୍ଧ ହେବା ଆବଶ୍ୟକ ବୋଲି ଆଲୋକପାତ କରିଥିଲେ।

ଏ ଅବସରରେ ପ୍ରେସ୍ କ୍ଲବର ମୁଖପତ୍ର ପ୍ରହରୀକୁ ପରିଡ଼ା, ଇନ୍ଦ୍ରମଣି ନାୟକ, କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ଶତପଥୀ ପ୍ରମୁଖ ଯୋଗଦେଇ ସୂଚନା ପ୍ରଦାନ କରିଥିଲେ। ସାଧାରଣ ସମ୍ପାଦକ ଅବିନେଶ୍ୱର ଶତପଥୀ ବାର୍ଷିକ ବିବରଣୀ ପାଠ କରିଥିବାବେଳେ କୋଷାଧ୍ୟକ୍ଷ ଅଖିଳ କୁମାର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ।




**‘ଗଣମାଧ୍ୟମ ଲୋକ ଓ ସରକାର ମଧ୍ୟରେ ସେତୁ ସଦୃଶ’**

**‘ସାମ୍ବାଦିକତାର ମୂଲ୍ୟବୋଧକୁ ଶାଣିତ କରିବାକୁ ସାମ୍ବାଦିକ ସଂଘବଦ୍ଧ ହେବା ଆବଶ୍ୟକ’**

ପ୍ରଣବ କୁମାର ବଳବନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥିଲେ। ସମାଜରେ ରହୁଥିବା ଲୋକଙ୍କ ମୌଳିକ ସମସ୍ୟାକୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ଓ ସରକାରଙ୍କ ଲୋକାଭିମୁଖୀ ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାଇବା ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଗଣମାଧ୍ୟମ ଲୋକ ଓ ସରକାର ମଧ୍ୟରେ ସେତୁ ସଦୃଶ। ଆମ ଓଡ଼ିଶା ଓ ନବୀନ ଓଡ଼ିଶା ଯୋଜନାକୁ କାର୍ଯ୍ୟକାରୀ କରିବା କ୍ଷେତ୍ରରେ ଧର୍ମଶାଳା ରାଜ୍ୟରେ ପ୍ରଥମ ହୋଇଛି। ଏହି ବ୍ଲକ ୧୬୦ଟି ପ୍ରକଳ୍ପ ବହୁ କମ୍ ଦିନ ମଧ୍ୟରେ ଶେଷ କରିପାରିଛି। ସେହିପରି ‘ନୂଆ-ଓ’ କାର୍ଯ୍ୟକ୍ରମରେ ସର୍ବାଧିକ ପଞ୍ଜିକରଣ କ୍ଷେତ୍ରରେ ଧର୍ମଶାଳା ଆଗରେ ରହିଛି। ଭଲ ଖବରକୁ ପ୍ରକାଶ କରନ୍ତୁ। ଧର୍ମଶାଳା ପ୍ରେସ କ୍ଲବ ଜିଲ୍ଲାରେ ସ୍ୱତନ୍ତ୍ର। ଧର୍ମଶାଳା ପରିବେଶ ହେବା ଉଚିତ। ନିରପେକ୍ଷତାର ସହ ସତ୍ୟତାକୁ ପ୍ରକାଶ କରାଯାଇପାରେ। ସମାଜର ଶେଷ ଧାଡ଼ିରେ ରହୁଥିବା ଲୋକଙ୍କ ପାଖରେ ସରକାରୀ ଯୋଜନା ପହଞ୍ଚାଇବା ସରକାରଙ୍କ ଲକ୍ଷ୍ୟ। ସମସ୍ତେ ମିଶି ସମାଜ ପରିବର୍ତ୍ତନ ଓ ରୂପାନ୍ତରଣରେ ସାମିଲ ହେବା। ଭଲ କାମକୁ ସମସ୍ତେ ପ୍ରୋତ୍ସାହନ କରିବା ଉଚିତ। ସାମ୍ବାଦିକମାନେ ଯେତେ ଶକ୍ତିଶାଳୀ ହେବେ, ଗଣତନ୍ତ୍ର ସେତେ ସୁଦୃଢ଼ ହେବ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ସନ୍ଦୀପ ସାହୁ ଯୋଗଦେଇ ପ୍ରେସ ସ୍ୱାଧୀନତା ଗୁରୁତର ଭାବରେ କ୍ଷୁର୍ଣ୍ଣ ହେଉଛି। ବିଶ୍ୱର ୧୮୦ଟି ଦେଶରେ ଗଣମାଧ୍ୟମର ସ୍ୱାଧୀନତା ହେଉଥିବା ପ୍ରେସ ଫ୍ରିଡମ୍ ଇଣ୍ଡେକ୍ସରେ ଭାରତ ୨୦୧୪ରେ ୧୪୦ତମ ଅତିଥିମାନେ ଉନ୍ମୋଚନ କରିବା ସହିତ ସାମ୍ବାଦିକ ମାନସ ଜେନାଙ୍କ ମାସିକ ପତ୍ରିକା ‘ଆଜିର ଆହ୍ୱାନ’କୁ ଉନ୍ମୋଚନ କରିଥିଲେ। ଏଥିସହ ଅତିଥିଙ୍କ ଦ୍ୱାରା ବଡ଼ଚଣା ଅଞ୍ଚଳର ବରିଷ୍ଠ ସାମ୍ବାଦିକ ଭକ୍ତ ଚରଣ ସାହୁଙ୍କୁ ନରହରି ମହାନ୍ତି ସ୍ମୃତି ସମ୍ମାନ, ବରିଷ୍ଠ ଶିଶୁ ସାହିତ୍ୟ ସ୍ରଷ୍ଟା ବଟକୃଷ୍ଣ ଓଝାଙ୍କୁ ସାରସ୍ୱତ ସାଧକ ସମ୍ମାନ, ବାସନ୍ତୀ ରଣାଙ୍କୁ ସଫଳ ଉଦ୍ୟୋଗୀ ସମ୍ମାନ ଓ ଖବରକାଗଜ ବିତରକ ବସନ୍ତ କୁମାର ବାରିକଙ୍କୁ ଜୀବନ ବ୍ୟାପୀ ସାଧନା ସମ୍ମାନ ପ୍ରଦାନ କରାଯାଇଥିଲା। ଏ ଅବସରରେ ପ୍ରେସ କ୍ଲବର ପ୍ରତିଷ୍ଠାତା ସଭ୍ୟ ପ୍ରେମଲତା ଜେନା, ସଭ୍ୟ ଅଭିମନ୍ୟୁ ପଣ୍ଡା ଓ ନାରାୟଣ ଜେନାଙ୍କୁ ସମ୍ମାନିତ କରାଯିବା ସହ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉପଦେଷ୍ଟା ବଟକୃଷ୍ଣ

ଜାରକା ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟର ଛାତ୍ରୀଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ଓ ସ୍ୱାଗତ ନୃତ୍ୟ ପରିବେଷଣ କରାଯାଇଥିଲା। ସାମ୍ବାଦିକ ଗୁଲାମ ଗସ, ସୀତାକାନ୍ତ ସାମଲ, କପିଳେନ୍ଦ୍ର ରାଉତ, ବିକ୍ରମ କେଶରୀ ମହାନ୍ତି, ଅକ୍ଷୟ କୁମାର ରାଉତ, ବିବେକାନନ୍ଦ ରାୟ, ପ୍ରଶାନ୍ତ କୁମାର ଗନ୍ତାୟତ, କ୍ଷୀରୋଦ ଚନ୍ଦ୍ର ମୁଦୁଲି, ବିନୋଦ ପରିଡ଼ା, ଅନୀଲ କୁମାର ନାୟକ, ରଶ୍ମୀରଞ୍ଜନ ରାୟ, ଗିରିଧାରୀ ବେହେରା, ସୁବ୍ରତ କୁମାର ଜେନା, କିଶୋର ଚନ୍ଦ୍ର ରାଉତ, ବିନୋଦ ବିହାରୀ ସାହୁ ଓ ସହଯୋଗୀ ରାମଚନ୍ଦ୍ର ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ସାମ୍ବାଦିକ ମାନସ ରଞ୍ଜନ ଜେନା ଧନ୍ୟବାଦ ଦେଇଥିଲେ। ବିଭିନ୍ନ ପ୍ରେସ୍ କ୍ଲବ ଓ ଅନୁଷ୍ଠାନର ଶତାଧିକ ନିମନ୍ତ୍ରିତ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ।

## ପାଣିକୋଇଲିରେ ହାଇମାଷ୍ଟ ଲାଇଟ୍ ଅଚଳ, ଯାତ୍ରୀ ହନ୍ତସନ୍ତ

ପାଣିକୋଇଲି, ୧।୩(ସମିସ): ପାଣିକୋଇଲି ବଜାର ଭୌଗୋଳିକ ଦୃଷ୍ଟିକୋଣରୁ ସ୍ୱତନ୍ତ୍ର ସ୍ଥାନ ହାସଲ କରିଛି। ଦୁଇଟି ରାଜପଥର ସଂଯୋଗ ସ୍ଥଳ ହୋଇଥିବାବେଳେ ଦିବାରାତ୍ର ବଜାର ଖୋଲା ରହେ। ସାରାରାତି ବିଭିନ୍ନ ରାଜ୍ୟରୁ ଯାତ୍ରୀମାନେ ଯାତାୟାତ କରିଥା’ନ୍ତି। ୧୬ ନମ୍ବର ଜାତୀୟ ରାଜପଥର ଓଭରବ୍ରିଜ ବଜାରକୁ ଦୁଇ ଭାଗରେ ବିଭକ୍ତ କରିଛି। ଉଭୟ ପାର୍ଶ୍ୱରୁ ଯାତ୍ରୀମାନେ ବିଭିନ୍ନ ସ୍ଥାନକୁ ଯିବା ପାଇ ଅନ୍ଧାର ଏକ ବଡ଼ ସମସ୍ୟା। ବିଶେଷ କରି ମହିଳା ଯାତ୍ରୀଙ୍କ ପାଇଁ ଏହା ସମସ୍ୟା ହୋଇଥିବାରୁ ଓଭରବ୍ରିଜର ଉଭୟ ପାର୍ଶ୍ୱରେ ଉଚ୍ଚକ୍ଷମତା ସମ୍ପନ୍ନ ଆଲୋକ ବ୍ୟବସ୍ଥା କରାଯାଇଥିଲା। ତେବେ ବିଭିନ୍ନ ସମୟରେ ଉଜ୍ଜ୍ୱଳ ଆଲୋକ ବନ୍ଦ ରହୁଛି। ଫଳରେ ଯାତ୍ରୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପାଣିକୋଇଲି ଗଣେଶ ବଜାରରେ ଥିବା ଉଜ୍ଜ୍ୱଳ ଆଲୋକଟି କିଛି ଦିନ ଜଳୁଛି ତ ପୁଣି କିଛି ଦିନ ବନ୍ଦ ରହୁଛି। ଗଣମାଧ୍ୟମରେ ଖବର ପ୍ରକାଶ ପରେ ଆଲୋକ ମରାମତି କରାଯାଉଛି। ପୁଣି କିଛିଦିନ ପରେ ଯେଉଁ ଅବସ୍ଥାକୁ ସେହି ଅବସ୍ଥା। କେତେବେଳେ ଦିନରେ ଲାଇଟ ଜଳୁଛି ତ ପୁଣି ରାତିରେ ବନ୍ଦ ରହୁଛି। ଏଭଳି ଅବ୍ୟବସ୍ଥା ଯୋଗୁଁ ବିଶେଷ କରି ରାତିରେ କୋଲକାତାରୁ ଆସୁଥିବା ଯାତ୍ରୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯୁଦ୍ଧକାଳୀନ ଭିତ୍ତିରେ ଉକ୍ତ ଉଜ୍ଜ୍ୱଳ ଆଲୋକ ମରାମତି କରି ଚାଲୁ କରିବାକୁ ବଜାର କମିଟି ପକ୍ଷରୁ ଦାବି ହୋଇଛି।



## ଶିବରାତ୍ରରେ ରାଜ୍ୟସ୍ତରୀୟ ଭଜନ ପ୍ରତିଯୋଗିତା

ଷଠିପୁର, ୧।୩(ସମିସ): ପବିତ୍ର ଶିବରାତ୍ରି ଅବସରରେ ମୂଳାପାଳ ଲିଙ୍ଗେଶ୍ୱର ମନ୍ଦିର ପ୍ରାଙ୍ଗଣରେ ରାଜ୍ୟସ୍ତରୀୟ ଭଜନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହା ସକାଳ ୯ଟାରୁ ଆରମ୍ଭ ହୋଇ ସନ୍ଧ୍ୟା ୬ ଘଟିକା ପର୍ଯ୍ୟନ୍ତ ଚାଲୁ ରହିବ। ଏହି ପ୍ରତିଯୋଗିତା ପାଇଁ ପଞ୍ଜିକରଣ ଦେୟ ମୁକ୍ତ କରାଯାଇଥିବାବେଳେ କନିଷ୍ଠ ଓ ବରିଷ୍ଠ ଦୁଇଟି ବିଭାଗରେ ବିଭକ୍ତ କରାଯାଇଛି। କନିଷ୍ଠ ବିଭାଗରେ ପ୍ରତିଯୋଗୀଙ୍କ ବୟସ ୯ରୁ ୧୬ ବର୍ଷ ରଖାଯାଇଥିବାବେଳେ ବରିଷ୍ଠ ବିଭାଗରେ ପ୍ରତିଯୋଗୀଙ୍କ ବୟସ ସୀମା ୧୭ରୁ ୩୦ ବର୍ଷ ରଖାଯାଇଛି। ଉଭୟ ବର୍ଗର ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ହାସଲ କରିଥିବା ପ୍ରତିଯୋଗୀଙ୍କୁ ନଗଦ ଅର୍ଥରାଶି ଦେଇ ପୁରସ୍କୃତ କରାଯିବ। ଆସନ୍ତା ୬ ତାରିଖ ଆବେଦନର ଶେଷ ତାରିଖ ରଖାଯାଇଥିବାବେଳେ ପ୍ରତିଯୋଗୀ ଆବଦେନ ନିମନ୍ତେ ଲିଙ୍ଗେଶ୍ୱର ଉନ୍ନୟନ କମିଟି ସହ ଯୋଗାଯୋଗ କରିବାକୁ କମିଟି ପକ୍ଷରୁ ସୂଚନା ଦିଆଯାଇଛି।

## ଜାଗର ମେଳା ପାଇଁ ପ୍ରସ୍ତୁତି ବୈଠକ

ଟମକା, ୧।୩(ସମିସ): ସ୍ଥାନୀୟ ଥାନା ଅନ୍ତର୍ଗତ ଉପରଟମକାସ୍ଥ ଅଖିଳେଶ୍ୱର ମହାଦେବ ମନ୍ଦିରରେ ଆସନ୍ତା ୮ ତାରିଖରେ ହେବାକୁ ଥିବା ମହାଶିବରାତ୍ରି ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ତୋରଣ ସାଜସଜ୍ଜା, ହୋମଯଜ୍ଞ, ଭଜନ ସନ୍ଧ୍ୟା, ଶ୍ରଦ୍ଧାଳୁମାନେ କିପରି ଶୃଙ୍ଖଳିତ ଭାବେ ମହାଦେବଙ୍କୁ ଦର୍ଶନ କରିବେ, ମହାଦୀପ, ପାନୀୟଜଳ ବ୍ୟବସ୍ଥା, ଟ୍ରାଫିକ୍ ନିୟନ୍ତ୍ରଣ ଆଦି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ କିଆଝର ସରପଞ୍ଚଙ୍କ ପ୍ରତିନିଧି ସୌମ୍ୟରଞ୍ଜନ ମହାପାତ୍ର, ପୂର୍ବତନ ସରପଞ୍ଚ ଦ୍ୱାରିକାନାଥ ଦାସ, କିସାନ ମୁଣ୍ଡା, ମଦନ ତନ୍ତୀ, ନୃପମଣି ଦାସ, ଜ୍ଞାନରଞ୍ଜନ ମହାପାତ୍ର, ରବୀନ୍ଦ୍ର ଦାସ, ଜର୍ମାନୀ ଦାସ, ବିପିନି ସେଠୀଙ୍କ ସମେତ ବୀଣାପାଣି କ୍ଲବର ସମସ୍ତ ସଭ୍ୟ ଉପସ୍ଥିତ ଥିଲେ।

## ହୃଦ୍‌ଘାତରେ ବ୍ୟବସାୟୀଙ୍କ ପରଲୋକ

ବାଲିଚନ୍ଦ୍ରପୁର, ୧।୩ (ସମିସ): ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିଚନ୍ଦ୍ରପୁର ବଜାରର ବିଶିଷ୍ଟ ବ୍ୟବସାୟୀ ମହେଶ୍ୱର ବିଶ୍ୱାଳ (୭୨)ଙ୍କ ହୃଦଘାତରେ ପରଲୋକ ହୋଇଯାଇଛି। ମୃତ୍ୟୁ ସମୟରେ



ସାନଭାଇ ପ୍ରେମାନନ୍ଦ ବିଶ୍ୱାଳ, ଝିଅ ଶିକ୍ଷୟିତ୍ରୀ ବନିତା ବିଶ୍ୱାଳ, ରଶ୍ମିତା ବିଶ୍ୱାଳ, ମଧୁସ୍ମିତା ବିଶ୍ୱାଳ ଉପସ୍ଥିତ ଥିଲେ। ଖବର ପାଇ ତାଙ୍କ ବାସଭବନରେ ବାଲିଚନ୍ଦ୍ରପୁର ବଣିକ ସଂଘ ସଭାପତି ଅଜୟକୁମାର ବିଶ୍ୱାଳ, ସରପଞ୍ଚ ପ୍ରତିନିଧି ଅମୀୟ ସାହାଣୀ, କିରଣ ଶତପଥୀ, ବାଲିଚନ୍ଦ୍ରପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ସାମଲ, ରବୀନ୍ଦ୍ର କୁମାର୍ ରାଉତରାୟ, ଅଭିମନ୍ୟୁ ବଳ, ନିରଞ୍ଜନ ମହାନ୍ତି, ସାମ୍ବାଦିକ ଏକାଦଶୀ ସେଠୀ, ଉଗ୍ରସେନ ବିଶ୍ୱାଳ, ତପନ କୁମାର ରାଉତରାୟ, ସାମ୍ବାଦିକ ଭକ୍ତଚରଣ ସାହୁ, ପ୍ରାକ୍ତନ ସରପଞ୍ଚ ବିଳାସ ଚନ୍ଦ୍ର ବାରିକ୍, କାର୍ତ୍ତିକ ଚନ୍ଦ୍ର ସେଠୀ ପ୍ରମୁଖ ପହଞ୍ଚି ଶୋକ ପ୍ରକାଶ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ପୁତ୍ର ରାଜେଶ ବିଶ୍ୱାଳ ମୁଖାଗ୍ନି ଦେଇଥିଲେ।

## ୨୨ ଦିନରେ ନୀଳାଚଳ ଇସ୍ପାତ ନିଗମ ସମ୍ମୁଖରେ ଧାରଣା

ଦାନଗଦି, ୧।୩(ସମିସ): କଳିଙ୍ଗନଗର ଶିଳ୍ପାଞ୍ଚଳର ନୀଳାଚଳ କାରଖାନା ପାଇଁ ବିସ୍ଥାପିତ ପରିବାର ଉତ୍ତରାଧିକାରୀ ସ୍ଥାୟୀ ନିଯୁକ୍ତି ଦାବିରେ ଆଜକୁ ୨୨ ଦିନ ଧରି କାରଖାନା ସମ୍ମୁଖରେ ଧାରଣାରେ ବସି ରହିଛନ୍ତି। ଆଜି ସେମାନଙ୍କ ନିକଟରେ ଶ୍ରମିକ ସଂଘ ନେତା ବାବୁଲି ପୂର୍ତ୍ତିଙ୍କ ସମେତ ଶ୍ରମିକ ସଂଗଠନର କର୍ମକର୍ତ୍ତା ପହଞ୍ଚି ଆନ୍ଦୋଳନକୁ ସମର୍ଥନ ଜଣାଇଥିଲେ। ଏଥିସହ ଆରପିଡିଏସି ବୈଠକରେ ନିଆଯାଇଥିବା ନିଷ୍ପତ୍ତି କାର୍ଯ୍ୟକାରୀ କରିବାକୁ ମହିରା ପୂର୍ତ୍ତି, ବିଜୟକୁମାର ମହନ୍ତ ପ୍ରମୁଖ ଆଜି ସମର୍ଥନ କରି ସତ୍ୟାଗ୍ରହରେ ବସିଛନ୍ତି। ଏହି ଧାରଣାସ୍ଥଳରେ ଆୟୋଜିତ ପ୍ରତିବାଦ ସଭାରେ ଆଇଏନଟିୟୁସି ରାଜ୍ୟ ଉପସଭାପତି ବିଦ୍ୟାଧର ମହାନ୍ତି, ଏଆଇଟିୟୁସି ନେତା ଆଲୋକ ମହାନ୍ତି, ଶ୍ରମିକ ନେତା ପ୍ରତାପ ଜେନା କହିଲେ, ବିସ୍ଥାପିତ ଆଇନ ଓ ଆରପିଡିଏସି ସିଦ୍ଧାନ୍ତକୁ ତୁରନ୍ତ କାର୍ଯ୍ୟକାରୀ କରିବା ସହିତ ତ୍ରିପାକ୍ଷିକ ଆଲୋଚନାରେ ସେମାନଙ୍କୁ ନିଯୁକ୍ତି ନ ଦେଲେ କଳିଙ୍ଗନଗରରେ ବ୍ୟାପକ ଆନ୍ଦୋଳନ ପାଇଁ ଜିଲ୍ଲାପ୍ରଶାସନ ଦାୟିରହିବେ ବୋଲି ସତର୍କ କରାଇଥିଲେ। ଯେପର୍ଯ୍ୟନ୍ତ ଏହାର ସ୍ଥାୟୀ ସମାଧାନ ନ ହୋଇଛି, ଏହି ଧାରଣାକୁ ସମର୍ଥନ କରି ଶ୍ରମିକ ସଂଘ ସତ୍ୟାଗ୍ରହ ଚାଲୁ ରଖିବ ବୋଲି ଶ୍ରମିକ ନେତା ଘୋଷଣା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟୁନା ପୂର୍ତ୍ତି, ଯଯାତି କେଶରୀ ମହନ୍ତ, କାରୁ ମାଝୀ, ଲୀନା ମହନ୍ତ, ମିନାକ୍ଷୀ ପୂର୍ତ୍ତି, ଲାଦୁରା ହେମ୍ବ୍ରମ, ତୁରାମ ପୂର୍ତ୍ତି ପ୍ରମୁଖ ଯୋଗ ଦେଇଥିଲେ।



## ପୁଲିସ କର୍ମଚାରୀଙ୍କ ସ୍ମୃତିଚାରଣ ସଭା

ସିଂହପୁର, ୧।୩ (ସମିସ): ବିଂଝାରପୁର ବ୍ଲକ ଅନ୍ତର୍ଗତ ଚନ୍ଦନପୁର ଗ୍ରାମର ଅବସରପ୍ରାପ୍ତ ପୁଲିସ କର୍ମଚାରୀ ରାମଚନ୍ଦ୍ର ସାମଲଙ୍କ ଏକାଦଶରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଛି। ଶିକ୍ଷାବିତ କୃଷ୍ଣଚନ୍ଦ୍ର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବରିଷ୍ଠ ବ୍ୟବସାୟୀ ପ୍ରଦ୍ୟୁମ୍ନ ସାମଲ, ବିଷ୍ଣୁଚରଣ ସାମଲ, ସାମ୍ବାଦିକ ଅନିରୁଦ୍ଧ ବେଉରିଆ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ଜେନା, ନାରାୟଣ ଚନ୍ଦ୍ର ଦାସ, କୃଷ୍ଣଚନ୍ଦ୍ର ଆଟୋଇ, ଅଶୋକ କୁମାର ଧଳ, ହିମାଂଶୁ ଧଳ, ବିଦ୍ୟାଧର ଜେନା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପୁରୁଷୋତ୍ତମ ବେହେରା, ଖଗେଶ୍ୱର ସାହୁ, ପ୍ରାକ୍ତନ କଲେଜ ଅଧ୍ୟକ୍ଷ ଗଜେନ୍ଦ୍ର ଧଳ, ବୈଷ୍ଣବ ଚରଣ ଜେନା, ଗୋଲକ ଚନ୍ଦ୍ର ବେହେରା, ଶିକ୍ଷାବିତ ନିରଞ୍ଜନ ଦାସ, ସୁଧାଂଶୁ ଶେଖର ଧଳ, ରମାକାନ୍ତ ବେହେରା, ଅଜୟ ରାଉଳ, ରମାକାନ୍ତ ବେଉରିଆ, ପୂର୍ଣ୍ଣଚନ୍ଦ୍ର ଆଟୋଇ ପ୍ରମୁଖ ଯୋଗ ଦେଇଥିଲେ। ସ୍ୱର୍ଗତ ସାମଲ ଜଣେ ଦକ୍ଷ ପୁଲିସ କର୍ମଚାରୀ, ପରୋପକାରୀ, ଓ ଲୋକପ୍ରିୟ ବ୍ୟକ୍ତି ଥିଲେ ବୋଲି ଉପସ୍ଥିତ ଅତିଥି ମତବ୍ୟକ୍ତ କରିଥିଲେ।

## ଶିକ୍ଷୟିତ୍ରୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା

କୁଆଖିଆ, ୧।୩(ସମିସ): ମଧୁବନ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ବନ୍ଦନା ତ୍ରିପାଠୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି।



ପଞ୍ଚାୟତ ହିଙ୍ଗୁଳା ଉପ୍ରା ବିଦ୍ୟାଳୟ, ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଓ ମଧୁବନ ପ୍ରାଥମିକ ବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁବାସୀ ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ନୀଳାମ୍ବର ମିଶ୍ର, ସମ୍ମାନିତ ଅତିଥି ଭାବେ ଯାଜପୁର ଜିଲ୍ଲା ଓଷ୍ଟାର ସମ୍ପାଦକ ଅମୂଲ୍ୟ କୁମାର ଦାଶ, ଏବିଓ ଶାନ୍ତିଲତା ରାଉତ, ନିମ୍ନ ମାଧ୍ୟମିକ ଶିକ୍ଷା ସଙ୍ଘ ସଭାପତି ଅରୁଣ କୁମାର ରାଉତ, ସିଆରସିସି ପ୍ରମୋଦ କୁମାର ବାରିକ, ସରପଞ୍ଚ ଅଶୋକ କୁମାର ମଲ୍ଲିକ, ସମିତି ସଭ୍ୟ ସୌମ୍ୟରଞ୍ଜନ ରାଉତ, ଅରୁଣ ସାହୁ, ପ୍ରଧାନ ଶିକ୍ଷକ ଗୋବିନ୍ଦ ଦିବେଦୀ, ବୈକୁଣ୍ଠ ରାଉତ ଯୋଗଦେଇ ଶ୍ରୀମତୀ ତ୍ରିପାଠୀଙ୍କ ଶିକ୍ଷକତା ଜୀବନର ନିଷ୍ଠା ଓ ତ୍ୟାଗ ସମ୍ପର୍କରେ ଆଲୋଚନା କରିଥିଲେ। ଏ ଅବସରରେ ଅତିଥିମାନେ ବିଦାୟୀ ଶିକ୍ଷୟିତ୍ରୀଙ୍କୁ ଉପଢୌକନ ଓ ମାନପତ୍ର ପ୍ରଦାନ କରିଥିଲେ। ଏନସିସି ଶିକ୍ଷକ ପ୍ରଭାତ କୁମାର ଚନ୍ଦ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷୟିତ୍ରୀ ମିତାରାଣୀ ସେଠୀ ମାନପତ୍ର ପାଠ କରିଥିଲେ।

ଶିକ୍ଷକ କୃଷ୍ଣଚନ୍ଦ୍ର ରଣା, ସଞ୍ଜୟ ମହାନ୍ତି, ପ୍ରତିଭା ସାମଲ, ମମତା ବୋଇତାଇ, ପୁଷ୍ପଲତା ରାଉତ, ପ୍ରଦୀପ କୁମାର ସୂତାର, ପୀତାମ୍ବର ମଲିକ, ନିହାର ରଞ୍ଜନ ସାହୁ ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ଶିକ୍ଷକ ବ୍ରଜକିଶୋର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ଶେଷରେ ବିଦ୍ୟାଳୟର ଛାତ୍ରଛାତ୍ରୀ ଏକ ଶୋଭାଯାତ୍ରାରେ ଶିକ୍ଷୟିତ୍ରୀଙ୍କୁ ବିଦାୟ ଦେଇଥିଲେ।

## ମଧୁବାବୁ ପେନ୍‌ସନ ଯୋଜନାରେ ବହୁ ହିତାଧିକାରୀ ସାମିଲ

ଟମକା, ୧।୩ (ସମିସ): ସ୍ଥାନୀୟ ଥାନା ଅନ୍ତର୍ଗତ ୮ଟି ପଞ୍ଚାୟତରେ ଥିବା ବିଧବା, ବୟସ୍କ ଓ ଦିବ୍ୟାଙ୍ଗଙ୍କୁ ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷାର ମଧୁବାବୁ ପେନ୍‌ସନ୍ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଥିବାରୁ ହିତାଧିକାରୀ ଖୁସି ବ୍ୟକ୍ତ କରିଛନ୍ତି। ଦାନଗଦି ବ୍ଲକ ପ୍ରଶାସନ ପକ୍ଷରୁ ଏକ ମେଳା ଆୟୋଜିତ ହୋଇଥିବାବେଳେ କରିକିଆଝର ପଞ୍ଚାୟତରୁ ୧୦୫, ଦେଉଳକଣରୁ ୫୨, ଓସ୍ତପାଳରୁ ୮୨, ଉଚ୍ଚବାଲିରୁ ୯୨, ନଛିପୁରାରୁ ୫୩ ସମେତ ବାଙ୍ଗରକୋଟା, ଗୋବର୍ଦ୍ଧନପୁର ଓ ଚିତ୍ରୀ ପଞ୍ଚାୟତରୁ ବହୁହିତାଧିକାରୀ ନୂତନ ମାସିକ ବର୍ଦ୍ଧିତ ଏକହଜାର ଟଙ୍କା ଲେଖାଏଁ ପାଇଛନ୍ତି। ଏହି ଯୋଜନାରେ ପ୍ରାୟ ସବୁ ପଞ୍ଚାୟତରୁ ଆଉ କେତେକ ଆବେଦନ କରିଥିବା ଆବଶ୍ୟକ କାଗଜପତ୍ର ଠିକ୍ ନ ଥିବାରୁ ବାଦ୍ ପଡ଼ିଛନ୍ତି। ଭବିଷ୍ୟତରେ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ଏହି ଯୋଜନାରେ ସାମିଲ କରିବାପାଇଁ ମନ୍ତ୍ରୀ ଇଂ ପ୍ରୀତିରଞ୍ଜନ ଘଡ଼ାଇ ବ୍ଲକ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସାମିଲ୍ ହୋଇଥିବା ସୁକାନ୍ତୀ ଦେହୁରୀ, ସବିତା ମହାରଣା, ଅଲେଖ ବାରିକ, ଶାନ୍ତି ବେହେରା, ଜୟନ୍ତୀ ପାତ୍ର, କଣ୍ଢେଇ ପାତ୍ର, ନୀଳ ଦଳେଇଙ୍କ ସମେତ ସମସ୍ତ ହିତାଧିକାରୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇବା ସହ ସୁକିନ୍ଦାର ବିଧାୟକ ମନ୍ତ୍ରୀ ଇଂ ପ୍ରୀତିରଞ୍ଜନ ଘଡ଼ାଇଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି।

## ମେଗା ପ୍ରକଳ୍ପରୁ ବାହାରୁଛି ଲୁଣି ପାଣି

କୟାଁଗୋଲା, ୧।୩(ସମିସ): ଦଶରଥପୁର ବ୍ଲକରେ ସୁଧୁରୁନି ପାନୀୟ ଜଳ ସମସ୍ୟା। କେତେକ ଜାଗାରେ ପାଣି ମେଗା ପାନୀୟ ଜଳ ପ୍ରକଳ୍ପ ଟାଙ୍କିରୁ ପାଣି ଲିକେଜ କରୁଥିବା ଦେଖିବାକୁ ମିଳିଥିବାବେଳେ କେତେକରେ ଲୁଣି ପାଣି ବାହାରୁଛି। କଁୟା ପଞ୍ଚାୟତର ଦରଭା ଗ୍ରାମରେ ନୂତନ ଭାବେ ୨ ମାସ ପୂର୍ବେ ଉଦଘାଟିତ ହୋଇଥିବା ମେଗା ପାନୀୟ ଜଳ ପ୍ରକଳ୍ପରୁ ଲୁଣିଆ ପାଣି ବାହାରୁଛି। ଯାହାକି ପିଇବା ଉପଯୋଗୀ ନୁହେଁ। ଏହି ଗ୍ରାମରେ ପ୍ରାୟତଃ ୧୦୦୦ରୁ ଅଧିକ ଲୋକ ବାସକରନ୍ତି। ଏହି ଗ୍ରାମର ଅଧିକାଂଶ ଲୋକେ କୃଷି ଉପରେ ନିର୍ଭର କରନ୍ତି। ମୁଖ୍ୟତଃ ଖରାଦିନ ଆସିଲେ ଏଠାରେ ପାଣି ସମସ୍ୟା ଲାଗି ରହେ। ଏହି ଗ୍ରାମରେ ଥିବା କିଛି ନଳକୂପରୁ ପାଣି ବାହାରୁଛି। ଫଳରେ ଲୋକେ ପାଣି ପାଇଁ ନଈ ପୋଖରୀ ପାଣି ବ୍ୟବହାର କରିବାକୁ ବାଧ ହେଉଛନ୍ତି। ପାନୀୟଜଳ ସମସ୍ୟା ଯୋଗୁଁ ଲୁଣି ପାଣିରେ ପିଲାଙ୍କ ସ୍ୱାସ୍ଥ୍ୟ ଖରାପ ହେଉଛି। ପ୍ରଶାସନ ତୁରନ୍ତ ପଦକ୍ଷେପ ଗ୍ରହଣ ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ପ୍ରଜ୍ଞା ନାୟକ, ଉମେଶ ଚନ୍ଦ୍ର ନାୟକ, ଶରତ ଚନ୍ଦ୍ର ନାୟକ, ମମତା ସେଠୀ, ସୁଷମା ସାହାଣୀ, ବ୍ରଜକାନ୍ତ ନାୟକ ପ୍ରମୁଖ ଦାବି କରିଛନ୍ତି।




## ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ହୁଇଲ ଚେୟାର ଦିବସ ପାଳିତ

# ‘ଦିବ୍ୟାଙ୍ଗ ସାଧାରଣ ଲୋକଙ୍କ ସହ ସମକକ୍ଷ ଭାବିବା ଉଚିତ’

ଯାଜପୁର, ୧।୩(ସମିସ): ଆଜି ପୂର୍ବାହ୍ନରେ ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ହୁଇଲ ଚେୟାର ଦିବସ ସ୍ଥାନୀୟ କୁସୁମା ପଡ଼ିଆରେ ପାଳିତ ହୋଇଯାଇଛି। ଏ ପରିପ୍ରେକ୍ଷୀରେ ଭିନ୍ନକ୍ଷମଙ୍କ ଦ୍ୱାରା ଏକ ଶୋଭାଯାତ୍ରା ମାନସା ପୋଲ ନିକଟସ୍ଥ ରାମମନ୍ଦିର ନିକଟରୁ ବାହାରି କୁସୁମାଠାରେ ପହଞ୍ଚି ଥିଲା। ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ନବକ୍ରିଷ୍ଣ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ସକାଳ ୮.୪୫ ମିନିଟ ସମୟରେ ରାମମନ୍ଦିରରେ ସବୁଜ ପତାକା ଦେଖାଇ ସଚେତନତା ରାଲିର ଶୁଭାରମ୍ଭ କରିଥିଲେ। ଏହି ଦିବସ ଉପଲକ୍ଷେ କୁସୁମାଠାରେ ଏକ ସାଧାରଣ ସଭା ଓ ଭିନ୍ନକ୍ଷମ ଉପକରଣ ବଣ୍ଟନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଉପ-ଜିଲ୍ଲାପାଳ ଅଂଶୁମାନ ଶତପଥୀ, ସମ୍ମାନିତ ଅତିଥି ଭାବେ ଏଡିଏମ୍‌ଓ, ପିଏଚ୍ ସୁଧାଂଶୁ ଶେଖର ବଳ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ସବିତା ଚ୍ୟାଉପଟ୍ଟନାୟକ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶଶିଧର ସିଂହ, ଭିନ୍ନକ୍ଷମ ତଥା ସମାଜସେବୀ ମଣ୍ଟୁ ଦାସ ଯୋଗଦେଇ ଦିବସର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ବନ୍ଧରେ ବକ୍ତବ୍ୟ ରଖି ଭିନ୍ନକ୍ଷମଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରି ସେମାନଙ୍କ ପ୍ରତିଭା ଲୋକଲୋଚନକୁ ଆଣିବା ସହ ସେମାନଙ୍କୁ ଅହରହ ସକ୍ଷମର ପ୍ରେରଣା ଦେବାକୁ ଆହ୍ୱାନ ଦେଇଥିବାବେଳେ ଦିବ୍ୟାଙ୍ଗ ସାଧାରଣ ଲୋକଙ୍କ ସହ ସମକକ୍ଷ ଭାବିବା ଉଚିତ




ବୋଲି କହିଥିଲେ।

ଦିବସ ଉପଲକ୍ଷେ ପୂର୍ବଦିନ ଧର୍ମଶାଳା ମହାବିଦ୍ୟାଳୟରେ ହୁଇଲ ଚେୟାର ବ୍ୟବହାର କରୁଥିବା ଦିବ୍ୟାଙ୍ଗଙ୍କ ଦ୍ୱାରା କ୍ରିକେଟ, ଭଲିବଲ୍ ଓ ବାସ୍କେଟବଲ ଖେଳର ପ୍ରତିଯୋଗିତା କରାଯାଇ କୃତି ପ୍ରତିଯୋଗୀଙ୍କୁ ଟ୍ରଫି ସହ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସେହିପରି ବୈଦ୍ୟରାଜପୁର ନୋଡାଲ ୟୁପି ସ୍କୁଲରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ମଧ୍ୟରେ ରଚନା ଓ ବକ୍ତୃତା ପ୍ରତିଯୋଗିତା କରାଯାଇ କୃତି ପ୍ରତିଯୋଗୀଙ୍କୁ ଚୟନ କରାଯାଇଥିଲା। ଅତିଥିଙ୍କ ଦ୍ୱାରା ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃତି ପ୍ରତିଯୋଗୀଙ୍କୁ ଟ୍ରଫି ସହ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ଦିବ୍ୟାଙ୍ଗ ଭାଇଭଉଣୀ ମଧ୍ୟ ହୁଇଲ ଚେୟାର ନାଚ ଓ ଗୀତ ପରିବେଷଣ କରିଥିଲେ। ଏଥି ନିମନ୍ତେ କୃତି ଦିବ୍ୟାଙ୍ଗଙ୍କୁ ମଧ୍ୟ ଅତିଥିଙ୍କ ଦ୍ୱାରା ପ୍ରମାଣ ପତ୍ର ଓ ଟ୍ରଫି ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ସଭା ଶେଷରେ ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଅନ୍ୱେଷଣ ଥିଏଟର ଗ୍ରୁପର କଳାକାରଙ୍କ ଦ୍ୱାରା ଆକର୍ଷଣୀୟ ସଚେତନତାଧର୍ମୀ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା।

ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ରବୀନ୍ଦ୍ର ନାଥ ବେହେରାଙ୍କ ପୌରୋହିତ୍ୟରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା ଓ ସଞ୍ଚାଳନ କରାଯାଇଥିବାବେଳେ ଶେଷରେ ଅତିଥିଙ୍କୁ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବେହୁରା ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ସଦର ମହକୁମାର ଚିକିତ୍ସାଧିକାରୀ ଉପସ୍ଥିତ ରହି ଦିବ୍ୟାଙ୍ଗଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସାଧାରଣ ସଭାରେ ଭିନ୍ନକ୍ଷମ ହିତାଧିକାରୀଙ୍କୁ ୮ଟି ହୁଇଲ ଚେୟାର ଅତିଥିମାନେ ବଣ୍ଟନ କରିଥିଲେ। ସେହିପରି ଦିବସ ପାଳନରେ ଡିଡିଆର୍‌ସି, ଭଦ୍ରକର ସଦସ୍ୟମାନେ ଉପସ୍ଥିତ ରହି ଅର୍ଥୋମିଟିକ୍ ଓ ପ୍ରୋଥେମିଟିକ୍‌ର ମାପ ଗ୍ରହଣ କରିଥିଲେ ଯାଜପୁରର ଏସ୍‌ଆଇଇପି କାର୍ଯ୍ୟାଳୟର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ଥେରାପି କାର୍ଯ୍ୟକ୍ରମ ଉପରେ ସୂଚନା ପ୍ରଦାନ କରିଥିଲେ।

■ ମୁଖ୍ୟମନ୍ତ୍ରୀ ଶୁଣିଲେ କମ୍ପ୍ୟୁଟର ଶିକ୍ଷକଙ୍କ ଦୁଃଖ

## ଯାଜପୁର ବିଧାୟକ ଓ '୫-ଟି' ଅଧ୍ୟକ୍ଷଙ୍କୁ କୃତଜ୍ଞତା




**ଯାଜପୁର, ୧।୩(ସମିସ):** ଦୀର୍ଘ ବର୍ଷ ଧରି ସାରା ଓଡ଼ିଶା ସମେତ ଯାଜପୁର ଜିଲ୍ଲାରେ ଶତାଧିକ କଂପ୍ୟୁଟର ଶିକ୍ଷକ ସରକାରୀ ନିଯୁକ୍ତି ପାଇଁ ଦାବି କରିଆସୁଥିଲେ। ସରକାର ଶେଷରେ ସେମାନଙ୍କ ଦାବି ଶୁଣିବା ସହିତ ସେମାନଙ୍କୁ ପୁନଃନିଯୁକ୍ତି କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏ ଅବସରରେ ଆଜି ଯାଜପୁର ଜିଲ୍ଲାର ଶତାଧିକ କଂପ୍ୟୁଟର ଶିକ୍ଷକ ଉତ୍କଳ ମଣ୍ଡପରୁ ଏକ ଶୋଭାଯାତ୍ରାରେ ବାହାରି ମା' ବିରଜାଙ୍କ ପାଖରେ ପହଞ୍ଚି ଦୀପଦାନ କରିବା ସହ ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ଶୁଭ ମନାସି ଦୀପଦାନ କରିଛନ୍ତି। ଶ୍ରୀ ଦାସ ରାଜ୍ୟ ସଂଘ ସହ ବାରମ୍ବାର ଯୋଗାଯୋଗରେ ରହି ଶିକ୍ଷକଙ୍କ ଦାବି ପୂରଣରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ତେଣୁ ତାଙ୍କର ଦୀର୍ଘାୟୁ କମାନା କରି ଜିଲ୍ଲା କଂପ୍ୟୁଟର ଶିକ୍ଷକ ସଂଘ ମା' ବିରଜାଙ୍କ ପାଖରେ ୨୦୦ରୁ ଊର୍ଦ୍ଧ୍ୱ ଦୀପଦାନ କରିଥିଲେ। ପରେ ସଭାରେ ସମସ୍ତେ ମୁଖ୍ୟମନ୍ତ୍ରୀ ଓ '୫-ଟି' ଅଧ୍ୟକ୍ଷଙ୍କୁ କୃତଜ୍ଞତା ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଯାଜପୁର ଜିଲ୍ଲ ସଭାପତି ତଥା ରାଜ୍ୟ ସଂଘ ସମ୍ପାଦକ ଦିଲ୍ଲୀପ କୁମାର ନାୟକ, ଆଶିଷ ରଞ୍ଜନ ମହାନ୍ତି, ପ୍ରଫୁଲ୍ଲ କୁମାର ସାହୁ, ମାନସ କୁମାର ପଣ୍ଡା, ମନୋଜ କୁମାର ରାଉତ, ପୁଣ୍ୟବିତ ଦାସ, ଲୋପାମୁଦ୍ରା ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

୩୨୮ ବର୍ଷ ପରେ ସୁକିନ୍ଦା ଜଗନ୍ନାଥ ମନ୍ଦିରରେ ବିଗ୍ରହ ପରିବର୍ତ୍ତନ

# ଦାରୁବ୍ରହ୍ମଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼

**ସୁକିନ୍ଦା, ୧।୩(ସମିସ)**

ସୁକିନ୍ଦା ଜଗନ୍ନାଥ ମନ୍ଦିରରେ ବିଗ୍ରହ ପରିବର୍ତ୍ତନ କାର୍ଯ୍ୟ ମହାଆଡମ୍ବରରେ ସମ୍ପନ୍ନ ହୋଇଛି। ଶୁକ୍ରବାର ଦିନ ନୂତନ ବିଗ୍ରହଙ୍କ ଦର୍ଶନ କରିବା ପାଇଁ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିବା ଦେଖିବାକୁ ମିଳିଛି। ସକାଳୁ ରାତି ପର୍ଯ୍ୟନ୍ତ ଭକ୍ତଙ୍କ ଭିଡ଼ ଲାଗିରହିଛି। ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ବଡ଼ଦାଣ୍ଡରେ ପ୍ରସିଦ୍ଧ କଣ୍ଠଶିଳ୍ପୀ ମାନସୀ ପାତ୍ରଙ୍କ ଗ୍ରୁପ ପକ୍ଷରୁ ଭଜନ ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଗୁଣ୍ଡିଚା ମନ୍ଦିର ପରିସରରେ ପୁରୀ କଳାକାରଙ୍କ ଦ୍ୱାରା ପ୍ରଦର୍ଶିତ ଜଗନ୍ନାଥଙ୍କ ୨୪ ବେଶ ଦୃଶ୍ୟ ଏହି କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ପାଲଟିଥିଲା।

ରାଜ୍ୟ ଦେବୋତ୍ତର ବିଭାଗ ଦ୍ୱାରା ପରିଚାଳିତ ଯାଜପୁର ଜିଲ୍ଲାର ସର୍ବପୁରାତନ ସୁକିନ୍ଦା ମନ୍ଦିର। ଦୀର୍ଘବର୍ଷ ଧରି ବିଗ୍ରହ ପରିବର୍ତ୍ତନ ପାଇଁ ଦେବୋତ୍ତର ବିଭାଗ ନିକଟରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଆସୁଥିଲେ ମଧ୍ୟ ତାହା ହୋଇ ପାରୁନଥିଲା। ଆଜି ଏହି କାର୍ଯ୍ୟକ୍ରମ ସମ୍ପାଦନ ହେବା ପରେ ସ୍ଥାନୀୟ ଓ ଆଖପାଖ ଅଞ୍ଚଳରେ ଭକ୍ତଙ୍କ ଖୁସି ବହୁଗୁଣିତ ହୋଇଥିବା ଦେଖିବାକୁ ମିଳିଛି। ବିଶେଷକରି ଆଜି



ପ୍ରଭୁଙ୍କ ଦର୍ଶନ ପରେ ସ୍ଥାନୀୟ ଅଞ୍ଚଳର ବହୁ ବରିଷ୍ଠ ନାଗରିକଙ୍କ ମନରେ ଖୁସିର ଲହରି ଖେଳିଯାଇଛି। ଗତ ଡିସେମ୍ବର ମାସରେ ପୁରୀ ଶ୍ରୀମନ୍ଦିର ମା' ସୁଭଦ୍ରାଙ୍କ ମୁଖ୍ୟ ବାଡଗ୍ରାହୀ ରାମଦାସ ମହାପାତ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ସୁକିନ୍ଦା ଡାକବଙ୍ଗଳାରେ ଦାରୁ ଚିହ୍ନଟ କରିବା ପରେ ଡିସେମ୍ବର ୩୧ରେ ଦାରୁ ଛେଦନ ହୋଇଥିଲା। ମନ୍ଦିର ପରିସରରେ ନିର୍ମିତ ଗୁପ୍ତଗୃହରେ ଜାନୁଆରୀ ୧ ତାରିଖଠାରୁ ଚିନ୍ତାମଣି ମହାରଣା ଟିମ୍ ସହ ବିଗ୍ରହଙ୍କ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ପୁରୀ ଶ୍ରୀମନ୍ଦିର ପରାମର୍ଶ ପରେ ଫେବୃଆରୀ ୨୬ରୁ ୨୯ ତାରିଖ ପର୍ଯ୍ୟନ୍ତ ନୂତନ ବିଗ୍ରହଙ୍କ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ପାଇଁ ଅନୁମତି ମିଳିଥିଲା। ୨୬ ତାରିଖଠାରୁ ଯଥାବିଧି ପୂଜାକାର୍ଯ୍ୟ ଆରମ୍ଭ ହେବା ସହ ତିନିଦିନ ଧରି ହୋମଯଜ୍ଞ ଜାରି ରହିଥିଲା। ସୁକିନ୍ଦା ରାଜା ସାହେବ ଭୂଦେବ ଭୂପତି ହରିଚନ୍ଦନ ମହାପାତ୍ର ପୂଜାରେ କର୍ତ୍ତା ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ବାଡ଼ଗ୍ରାହୀଙ୍କ ଉପସ୍ଥିତିରେ ସୁକିନ୍ଦା ବ୍ରାହ୍ମଣ ସେବାୟତ ୨୯ ତାରିଖ ବିଳମ୍ବିତ ରାତିରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ରତ୍ନବେଦୀରେ ଅବସ୍ଥିତ କରିଥିଲେ। ମାର୍ଚ୍ଚ ୧ ତାରିଖ ସକାଳୁ ନୂତନ ବିଗ୍ରହଙ୍କ ପୂଜା ଓ ବେଶ ପରେ ସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା।

ଶୁକ୍ରବାର ସକାଳୁ ସାହାଣ ମେଲା ହେବା ପରେ ପ୍ରଥମେ ସୁକିନ୍ଦା ରାଜା ସାହେବ ଭୂଦେବ ଭୂପତି ହରିଚନ୍ଦନ ମହାପାତ୍ର ଚତୁର୍ଦ୍ଧାମୂର୍ତ୍ତିଙ୍କ ନବଯୌବନ ଦର୍ଶନ କରିଥିଲେ। ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ ଓ ବିଜେପି ନେତା ପ୍ରଦୀପ ବଳସାମନ୍ତ ନୂତନ ବିଗ୍ରହଙ୍କ ଦର୍ଶନ କରିଥିଲେ। ସ୍ଥାନୀୟ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଚତୁର୍ଦ୍ଧାମୂର୍ତ୍ତିଙ୍କ ନବଯୌବନ ଦର୍ଶନ କରିଥିଲେ। ସୁକିନ୍ଦା ତହସିଲଦାର ଦମୟନ୍ତୀ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓ ସ୍ଥାନୀୟ ଜନସାଧାରଣଙ୍କ ସହଯୋଗରେ ବିଗ୍ରହ ପ୍ରତିଷ୍ଠା ଉତ୍ସବ ମହାଆଡ଼ମ୍ବରରେ ହୋଇଥିବା ଜଣାପଡ଼ିଛି। ପାଞ୍ଚଦିନ ଧରି ଏହି କାର୍ଯ୍ୟକ୍ରମରେ ହଜାର ହଜାର ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା। ଦୈନିକ ସନ୍ଧ୍ୟାରେ ଜଗନ୍ନାଥ ଗବେଷକଙ୍କ ପ୍ରବଚନ ଓ ବିଭିନ୍ନ ସୁନାମଧନ୍ୟ କଣ୍ଠଶିଳ୍ପୀଙ୍କ ଦ୍ୱାରା ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା।

ବରୀରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

## ମଧୁସୂଦନପୁର ପଞ୍ଚାୟତରେ ହଜାର ହଜାର ବିଜେଡି କର୍ମୀ ସାମିଲ



**ବରୀ, ୧।୩(ସମିସ):** ଆଜି ବରୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ମଧୁସୂଦନପୁର ପଞ୍ଚାୟତରେ ରାଜ୍ୟ ବିଜେଡି ସମ୍ପାଦକ ବିଶ୍ୱରଞ୍ଜନ ମଲ୍ଲିକଙ୍କ ନେତୃତ୍ୱରେ ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ମୁଖ୍ୟମନ୍ତ୍ରୀଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମକୁ ଘରେ ଘରେ ପହଞ୍ଚାଇବା ସହିତ ସାଧାରଣ ଲୋକଙ୍କ ସହିତ ଯୋଡ଼ି ହେବାକୁ ଏହା ଏକ ପ୍ରୟାସ ବୋଲି କହିଛନ୍ତି ବିଶ୍ୱରଞ୍ଜନ ମଲ୍ଲିକ। ବରୀ ମୋର ଜନ୍ମଭୂମି। ବରୀ ମୋର କର୍ମ ଭୂମି, ବରୀବାସୀଙ୍କ ସେବା କ୍ଷେତ୍ରରେ ମୋ ଜୀବନ ଉତ୍ସର୍ଗୀକୃତ। ବିଗତ ଦିନରୁ ରାଜନୀତି କ୍ଷେତ୍ରରେ ନ ଥିବାବେଳେ ବି ସାଧାରଣ ଲୋକଙ୍କ ସହିତ ଯୋଡି ହୋଇ ରହି ସେମାନଙ୍କର ସୁଖ ଦୁଃଖରେ ସାଥୀ ହୋଇଛି ବୋଲି ଶ୍ରୀ ମଲ୍ଲିକ ମତ ରଖିଛନ୍ତି।

ଆଜି ଅଙ୍ଗାଲୋ ପଞ୍ଚାୟତସ୍ଥ ସାମେଶ୍ୱର ମହାଦେବ ମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ ମଧୁସୂଦନପୁର ପଞ୍ଚାୟତରେ ଜନ ସମ୍ପର୍କ ପଦଯାତ୍ରା ଆରମ୍ଭ କରିଥିଲେ। ଶ୍ରୀ ମଲ୍ଲିକଙ୍କ ନେତୃତ୍ୱରେ ବହୁ ସଂଖ୍ୟାରେ ମହିଳା ଯୋଗ ଦେବା ଘଟଣା ନବୀନ ପଟ୍ଟନାୟକଙ୍କ ପ୍ରତି ଥିବା ଭଲ ପାଇବା ହିଁ ପ୍ରମାଣିତ କରିଛି। ମୁଖ୍ୟମନ୍ତ୍ରୀଙ୍କ ମା'ମାନଙ୍କ ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଥିବାରୁ ସେମାନେ ସ୍ୱାବଲମ୍ବୀ ହେବା ସହିତ ସମାଜର ମୁଖ୍ୟସ୍ରୋତରେ ସାମିଲ ହେବା ଆମ୍ଭମାନଙ୍କ ପାଇଁ ଗୌରବର ବିଷୟ। ଆଜିର ଜନ ସମ୍ପର୍କ ପଦଯାତ୍ରା ମଧୁସୂଦନପୁର ପଞ୍ଚାୟତ ଦୁର୍ଗା ପୀଠଠାରୁ ଆରମ୍ଭ ହୋଇ ସୁନ୍ଦରପୁର ବାରିତୋଟା ଖେଳ ପଡ଼ିଆରେ ଶେଷ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଜେଡି ରାଜ୍ୟ ସମ୍ପାଦକ ଶ୍ରୀ ମଲ୍ଲିକଙ୍କ ସହିତ ବରୀ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ଗେଡ଼ି, ଜିଲ୍ଲା ପରିଷଦ ସଭ୍ୟ ଦିଲ୍ଲୀପ ମହାନ୍ତି, ଜିଲ୍ଲା ପରିଷଦ ସଭ୍ୟ ସନ୍ତୋଷ କୁମାର ସାମଲ, ଜିଲ୍ଲା ପରିଷଦ ପ୍ରତିନିଧି ବୁଲୁ ଯାଦବ, ସ୍ଥାନୀୟ ସରପଞ୍ଚ ସୁଚିତ୍ରା ମଲିକ, ସମିତିସଭ୍ୟ ନଗେନ୍ଦ୍ର କୁମାର ଧଳ, ପ୍ରାକ୍ତନ ସରପଞ୍ଚ ହର୍ଷବର୍ଦ୍ଧନ ସାମଲ, ପ୍ରାକ୍ତନ ସରପଞ୍ଚ କୁଞ୍ଜ ବିହାରୀ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି



**ଯାଜପୁର, ୧।୩(ସମିସ):** ଆସନ୍ତା ୫ ତାରିଖରେ ଯାଜପୁର ଗସ୍ତରେ ଆସିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଜିଲ୍ଲାର ବଡ଼ଚଣା ନିର୍ବାଚନ ମଣ୍ଡଳୀ ଚଣ୍ଡିଖୋଲ ନିକଟସ୍ଥ ବେଣାପୁର ପଡ଼ିଆରେ ହେବ ବିଶାଳ ସମାବେଶ। ଏଥିପାଇଁ ଜିଲ୍ଲା ପ୍ରଶାସନଠାରୁ ଆରମ୍ଭ କରି ଭାରତୀୟ ଜନତା ପାର୍ଟି ପକ୍ଷରୁ ଆରମ୍ଭ ହୋଇଯାଇଛି ପ୍ରସ୍ତୁତି। ପ୍ରଥମ ପର୍ଯ୍ୟାୟରେ ମେସିନ ସହାୟତାରେ ପଡ଼ିଆକୁ ସମତଳ କରିବା କାମ ଚାଲିଛି। ମୋଦୀଙ୍କ ଗସ୍ତକୁ ନେଇ ବିଜେପି ଶିବିରରେ ଉତ୍ସାହ ଦେଖା ଦେଇଥିବାବେଳେ ସେପଟେ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରଶାସନିକ ତତ୍ପରତା ପ୍ରକାଶ ପାଇଛି। ପ୍ରଧାନମନ୍ତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଚଣ୍ଡିଖୋଲ-ପାରାଦୀପ ୫୩ ନଂ ଜାତୀୟ ରାଜପଥକୁ ୮ ଥାକିଆ ରାସ୍ତାରେ ପରିଣତ କରାଇବା ସହ ଅନ୍ୟାନ୍ୟ ପ୍ରକଳ୍ପର ଶିଳାନ୍ୟାସ କରିବାର କାର୍ଯ୍ୟକ୍ରମ ରହିଛି। ଏଥିସହ ମୋଦୀ ବେଣାପୁର ପଡ଼ିଆରେ ଅନୁଷ୍ଠିତ ହେବାକୁ ଥିବା ସାଧାରଣ ସଭାରେ ଉଦବୋଧନ ଦେବେ। ଏହା ଏକ ସରକାରୀ କାର୍ଯ୍ୟକ୍ରମ ହୋଇଥିଲେ ହେଁ ସାଧାରଣ ନିର୍ବାଚନ ପାଖେଇ ଆସୁଥିବାରୁ ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତକୁ ନେଇ ବିଜେପି ଦଳର ରାଜନୈତିକ ବାତାବରଣ ସରଗରମ ହୋଇଛି। ଏହି ପରିପ୍ରେକ୍ଷୀରେ ବିଜେପିର ଏକ ପ୍ରତିନିଧି ଦଳ ସମାବେଶ ସ୍ଥଳ ବୁଲି ଦେଖିଥିଲେ।

ଅନ୍ୟପକ୍ଷରେ ଜିଲ୍ଲାର ପ୍ରମୁଖ ପ୍ରଶାସନିକ ଅଧିକାରୀ ପଡ଼ିଆରେ ଉପସ୍ଥିତ ରହି ପ୍ରସ୍ତୁତିର ତଦାରଖ କରୁଥିବା ସୂଚନା ମିଳିଛି। ଆଜି ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଆଭାସି ମାଧ୍ୟମରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଧାନମନ୍ତ୍ରୀଙ୍କ ପାଇଁ ହେଲିପ୍ୟାଡ, ବାରିକେଟ ନିର୍ମାଣଠାରୁ ଆରମ୍ଭ କରି ନିରବଚ୍ଛିନ୍ନ ବିଜୁଳି ଯୋଗାଣ, ଇଣ୍ଟରନେଟ୍, ପାନୀୟ ଜଳ, ମୋବାଇଲ ଟଏଲେଟ ଭଳି ମୌଳିକ ସୁବିଧା ସୁଯୋଗ ଯୋଗାଇବା ପାଇଁ ବ୍ୟବସ୍ଥା କରିବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ପ୍ରସ୍ତୁତି ସମୀକ୍ଷା ବୈଠକରେ ଜିଲ୍ଲାପାଳଙ୍କ ସମେତ ବରିଷ୍ଠ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ।

## ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ଉତ୍ସବ

**କବାଟବନ୍ଧ, ୧।୩ (ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ତାଳଜଙ୍ଗ ପଞ୍ଚାୟତର ରାମପୁର କଇଥା ଗ୍ରାମରେ ପ୍ରଭୁ ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉଦଯାପିତ ହୋଇଛି। ଶେଷ ଦିବସରେ ଆହୂତି ପ୍ରଦାନ, ପୂର୍ଣ୍ଣାହୁତି, ନବଯୌବନ ଦର୍ଶନ, ନାମ ସଂକୀର୍ତ୍ତନ ଆଦି କାର୍ଯ୍ୟ ସମ୍ପନ୍ନ ହୋଇଛି। ପ୍ରାତଃ ନାମ ସଂକୀର୍ତ୍ତନ ଓ ଲଉଡ଼ି ଖେଳ ସହିତ ପୂର୍ବାହ୍ନରେ କୃଷ୍ଣ ସଂସ୍କୃତି ଓ କୃଷ୍ଣ ଚେତନା, ସାମ୍ପ୍ରତିକ ସମାଜ ଉପରେ ପର୍ଯ୍ୟବେସିତ ଆଧ୍ୟାତ୍ମିକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏ ଅବସରରେ ଆୟୋଜିତ ସଭାରେ ଅବସରପ୍ରାପ୍ତ ଶିକ୍ଷକ ରଘୁନାଥ ବେହେରାଙ୍କ ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ ଅଧ୍ୟାପକ ମନୋଜ କୁମାର ଧିର, ସମ୍ମାନିତ ଅତିଥି ଭାବେ ବିପିନ ବିହାରୀ ସେଠୀ, ବାବୁଧର ଖଟୁଆ, ପାଣ୍ଡବ ରାଉତ, ପଙ୍କଜ ମଲ୍ଲ, ପ୍ରଦୀପ କୁମାର ଶତପଥୀ, ସ୍ଥାନୀୟ ସାମ୍ବାଦିକ ପ୍ରମୁଖ ଯୋଗ ଦେଇଥିଲେ। ସରୋଜ କାନ୍ତ ବେହେରା ଓ ସହଯୋଗୀ ଆନନ୍ଦ ପ୍ରଧାନ, ବାବୁଲି ରାଉତ, ଶିଶିର ଦାସ, ବୁନା ଦାସ ମଞ୍ଚ ପରିଚାଳନା କରିଥିଲେ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସାମ୍ବାଦିକ ଓ ଅନ୍ୟାନ୍ୟ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସନ୍ଧ୍ୟାରେ ଝୁମୁକା ଡ୍ୟାନ୍ସ ଏକାଡେମୀ ଯାଜପୁର ରୋଡ଼ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ଅନୁଷ୍ଠାନ ପକ୍ଷରୁ ଗଣେଶ୍ୱର ପଲେଇ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଜେଡିର କର୍ମୀ ସମାବେଶ ପାଇଁ ପ୍ରସ୍ତୁତି ବୈଠକ

**ବରୀ, ୧।୩ (ସମିସ):** ଆସନ୍ତା ୭ ତାରିଖରେ ବରୀ ବ୍ଲକ ଅନ୍ତର୍ଗତ ସାହୁପଡ଼ା ଛକ ନିକଟ କଚେରୀ ପଡ଼ିଆଠାରେ ସଞ୍ଜୀବ ଜେନାଙ୍କ ନେତୃତ୍ୱରେ ନିର୍ବାଚନ ମଣ୍ଡଳୀସ୍ତରୀୟ ଏକ ବିଶାଳ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହେବାକୁ ଥିବାବେଳେ ଏଥିପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ



ହୋଇଯାଇଛି। ନାଥପୁର କେନ୍ଦୂଆସ୍ଥ ବଟ ମହାପୁରୁଷଙ୍କ ପୀଠରେ କେଦାର ଜେନାଙ୍କ ସଭାପତିତ୍ୱରେ ଏହି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଗିରିନ୍ଦ୍ର ପତି, ସମାଜସେବୀ ତଥା ଯୁବ ନେତା ସଞ୍ଜୀବ ଜେନା, ଗୁରୁ ଚରଣ ଦାସ, ଦେବେନ୍ଦ୍ର ଜେନା, ବିବେକାନନ୍ଦ ଜେନା, ହର୍ଷବର୍ଦ୍ଧନ ଜେନା, ତୁଷାର ସ୍ୱାଇଁ, ମାନସ ଜେନା, ବନୋଜ ସ୍ୱାଇଁ, ସୁଧାଂଶୁ ଜେନା, ଅଭିରାମ ଦାସ, ଗୁରୁ ପ୍ରସାଦ ପଣ୍ଡା, ସଚିଦାନନ୍ଦ ଜେନା ପ୍ରମୁଖ ଯୋଗଦେଇ ଆସନ୍ତା ୭ ତାରିଖରେ ହେବାକୁ ଥିବା କର୍ମୀ ସମାବେଶ କିଭଳି ଭାବେ ଶାନ୍ତିଶୃଙ୍ଖଳାର ସହ ସମାପନ ହେବ ସେ ବିଷୟରେ ଆଲେଚନା କରିଥିଲେ। ପରେ ସମାବେଶ ଅନୁଷ୍ଠିତ ହେବାକୁ ଥିବା ସ୍ଥାନକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ।

## ଗୋବରଘାଟି ବିଦ୍ୟାଳୟରେ କାର୍ଯ୍ୟକାରୀ ହେଲା ବିଜୁ କନ୍ୟାରତ୍ନ ଯୋଜନା




**ଯାଜପୁର, ୧।୩(ସମିସ):** ଦାନଗଦି ବ୍ଲକ ଗୋବରଘାଟି ସରକାରୀ ଉଚ୍ଚବିଦ୍ୟାଳୟରେ ଜିଲ୍ଲାରେ ନୂଆକରି କାର୍ଯ୍ୟକାରୀ ହେଉଥିବା ବିଜୁ କନ୍ୟାରତ୍ନ ଯୋଜନା ଅନ୍ତର୍ଗତ ଜିଲ୍ଲାପାଳଙ୍କ କ୍ଲାସର ଶୁଭ ଉଦଘାଟନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବାଳିକାଙ୍କୁ ଭବିଷ୍ୟତ ଜୀବନ ଗଢିବା କ୍ଷେତ୍ରରେ ବୈଷୟିକ ଶିକ୍ଷା ଓ ଏଥିପାଇଁ ଉଚିତ ପରାମର୍ଶ, ବିଭିନ୍ନ ସରକାରୀ ଯୋଜନାରେ ଥିବା ଆର୍ଥିକ ପ୍ରୋତ୍ସାହନ ପ୍ରାପ୍ତି ପାଇଁ ଦୃଢ଼ ଇଚ୍ଛାଶକ୍ତି ଓ ଶିକ୍ଷକଙ୍କ ପ୍ରେରଣା, ଦିଗଦର୍ଶନ ଗୁରୁତ୍ୱପୂର୍ଣ୍ଣ ଅଟେ। ଜିଲ୍ଲାରେ ପ୍ରଥମ କରି ଗୋବରଘାଟି ସରକାରୀ ଉଚ୍ଚ ବିଦ୍ୟାଳୟରେ ବାଳିକାଙ୍କ ପାଇଁ ବିଜୁ କନ୍ୟାରତ୍ନ ଯୋଜନା ଆରମ୍ଭ ହୋଇଛି ଓ ପର୍ଯ୍ୟାୟ କ୍ରମେ ଅନ୍ୟ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟକାରୀ ହେବାର ଲକ୍ଷ୍ୟ ରହିଛି ବୋଲି ଉଦଘାଟକ ତଥା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର କହିଥିଲେ।

ବାଳିକାମାନେ କୌଣସି ଗୁଣରେ ପୁଅ ପିଲାଙ୍କ ଠାରୁ କମ୍ ନୁହଁନ୍ତି। କେତେକ ପାରିବାରିକ ଓ ସାମାଜିକ ଅସୁବିଧା ହେତୁ ସେମାନଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାର ବିକାଶ ହୋଇପାରୁନି। ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଜୟ କୁମାର ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସରକାରୀ ବହୁବିଧ ବୈଷୟିକ ପ୍ରତିଷ୍ଠାନରେ ଶଶାଙ୍କ ଶେଖର ସାହୁ ଓ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନରେ ଜୀବନ କୌଶଳ ପ୍ରଶିକ୍ଷକ ସ୍ୱାଗତ କୁମାର ସାହୁ ବିଷୟ ବିଶାରଦ ରୂପେ ଯୋଗଦେଇ ଆଜିର ସମାଜରେ ବୈଷୟିକ ଶିକ୍ଷାର ଗୁରୁତ୍ୱ ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ରୂପେ ଶିଶୁ ସୁରକ୍ଷା ବିଭାଗର ତପନ କୁମାର ପଣ୍ଡା, ମହିଳା ପରିଦର୍ଶିକା ଦଶମ ଗୋଇପାଇ, ବିଦ୍ୟାଳୟର ଶିକ୍ଷକ ପଦ୍ମଜା ନନ୍ଦୀ, ଅର୍ଚ୍ଚନା ପଣ୍ଡା, ରଜନୀକାନ୍ତ ପତି ଓ ସାମ୍ବାଦିକ କପିଳେନ୍ଦ୍ର ମହାନ୍ତ ଯୋଗଦେଇ ବାଳିକାଙ୍କ ଶିକ୍ଷାକ୍ଷେତ୍ରରେ ଅନ୍ତରାୟ ସୃଷ୍ଟି ନ କରିବା ପାଇଁ ସମସ୍ତେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ।

ଦାନଗଦି ବ୍ଲକରେ ୧, ୬୩୮ ଜଣଙ୍କୁ ଭତ୍ତା ପରିଚୟପତ୍ର ପ୍ରଦାନ

# 'ମୁଖ୍ୟମନ୍ତ୍ରୀଙ୍କ ପାଇଁ ବୟସ୍କଙ୍କ ମୁହଁରେ ହସ ଫୁଟିଛି'





**ଦାନଗଦି, ୧।୩(ସମିସ)**

ସାଢେ ଚାରି କୋଟି ଜନତା ମୋ ପରିବାର। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏହି ମନ୍ତବ୍ୟକୁ ଆଜି ଦାନଗଦିଠାରେ ଅନୁଷ୍ଠିତ ଭତ୍ତା ପରିଚୟପତ୍ର ବଣ୍ଟନ କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ, ଦକ୍ଷତା ବିକାଶ, ବୈଷୟିକ ଶିକ୍ଷା ମନ୍ତ୍ରୀ ଙ୍କ ପ୍ରୀତିରଞ୍ଜନ ଘଡ଼ାଇ ଉପସ୍ଥାପନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ପାଇଁ ବୟସ୍କଙ୍କ ମୁହଁରେ ହସ ଫୁଟିଛି। କାରଣ ଓଡ଼ିଶାବାସୀଙ୍କ ସାମାଜିକ ସୁରକ୍ଷାକୁ ସୁନିଶ୍ଚିତ କରିଛି ମଧୁବାବୁ ପେନସନ୍ ଯୋଜନା ବୋଲି ସେ କହିଛନ୍ତି। ଏହି ସାମାଜିକ କଲ୍ୟାଣ ଯୋଜନାରେ ଆଜି ଦାନଗଦି ବ୍ଲକର ୧, ୬୩୮ ଜଣଙ୍କୁ ନୂତନ ପରିଚୟ ପତ୍ର ମନ୍ତ୍ରୀ ଙ୍କ ପ୍ରୀତିରଞ୍ଜନ ଘଡ଼ାଇ ପ୍ରଦାନ କରିଛନ୍ତି। ପୂର୍ବରୁ ଦାନଗଦି ବ୍ଲକର ୮, ୨୫୮ ହିତାଧିକାରୀ ମଧୁବାବୁ ପେନସନ୍ ଯୋଜନାରେ ଆର୍ଥିକ ସହାୟତା ପାଉଥିଲେ। ଗତ ମାସରୁ ସେହି ୮, ୨୫୮ ହିତାଧିକାରୀଙ୍କ ମାସିକ ଭତ୍ତା, ୫୦୦ ଟଙ୍କା ଲେଖାଏଁ ବୃଦ୍ଧି ହୋଇଛି। ଯେଉଁ ହିତାଧିକାରୀ ୫୦୦ ଟଙ୍କା ଭତ୍ତା ପାଉଥିଲେ ସେମାନେ ୧୦୦୦ ଟଙ୍କା ପାଇବେ। ସେହିପରି ୭୦୦ ଟଙ୍କା ପାଉଥିବା ହିତାଧିକାରୀ ୧୨୦୦ ଟଙ୍କା ଓ ୯୦୦ ଟଙ୍କା ପାଉଥିବା ହିତାଧିକାରୀଙ୍କ ଭତ୍ତା ବୃଦ୍ଧି ଘଟି ୧୪୦୦ ଟଙ୍କା ହୋଇଛି।

ଦାନଗଦି ଭବନ ପରିସରରେ ଆୟୋଜିତ ଏହି ଭତ୍ତା ପରିଚୟ ବଣ୍ଟନ କାର୍ଯ୍ୟକ୍ରମରେ ଦାନଗଦି ବ୍ଲକ ବିଡିଓ ସାରଦା ପ୍ରସନ୍ନ ପଣ୍ଡା ସଭାପତିତ୍ୱ କରିଥିବାବେଳେ ଉତ୍ସବରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ଙ୍କ ପ୍ରୀତିରଞ୍ଜନ ଘଡ଼ାଇ ଯୋଗ ଦେଇଥିବାବେଳେ ଦାନଗଦି ପଞ୍ଚାୟତ ସମିତି ଅଧ୍ୟକ୍ଷା ଅର୍ଚ୍ଚନା ଦାସ, ସାଂସଦ ପ୍ରତିନିଧି ଲୋକନାଥ ଧୀର, ମନ୍ତ୍ରୀଙ୍କ ପ୍ରତିନିଧି ପ୍ରଦୀପ କୁମାର ମହାନ୍ତି, ଉପାଧ୍ୟକ୍ଷ ଅଜୟ ବିନ୍ଧାଣୀ, ଜିଲ୍ଲା ପରିଷଦ ସଭ୍ୟା ସୁଚିତ୍ରା ବିଶ୍ୱାଳ, ସ୍ମୃତିରାଣୀ ରାଉତ ପ୍ରମୁଖ ସାମିଲ ହୋଇଥିଲେ।

## ଜନ୍ମମାଟି ହସନାବାଦରେ ୩୪ତମ ତିରୋଧାନ ଦିବସ

# ‘ଜନସେବା ପାଇଁ ମନେ ରହିବେ ହୃଦାନନ୍ଦ’

**ଧାମନଗର/ଧୂଷୁରୀ/ଅସୁରାଳି,୧।୩(ସମିସ)**




ଅବିଭକ୍ତ ବାଲେଶ୍ୱର-ଭଦ୍ରକ ଜିଲ୍ଲାର ଜନନେତା, ଧାମନଗର ପୂର୍ବତନ ବିଧାୟକ ତଥା ‘ଆସନ୍ତାକାଲି’, ‘ଅଗ୍ରଣୀ’ ଓ ଦୈନିକ ସମ୍ବାଦପତ୍ର ‘ସକାଳ’ର ପ୍ରତିଷ୍ଠାତା ସଂପାଦକ ଜନନେତା ହୃଦାନନ୍ଦ ମଲ୍ଲିକଙ୍କ ୩୪ତମ ଶ୍ରାଦ୍ଧୋତ୍ସବ ଉପଲକ୍ଷେ ସ୍ମୃତିସଭା ଓ ହୃଦାନନ୍ଦ କଲ୍ୟାଣ ମଣ୍ଡପ ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଧାମନଗର ବ୍ଲକ ଅନ୍ତର୍ଗତ ହସନାବାଦ ପଞ୍ଚାୟତଠାରେ ହୃଦାନନ୍ଦ ସ୍ମୃତି କମିଟି ଆନୁକୂଲ୍ୟରେ ଆଜି ସକାଳେ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ଓ ପ୍ରଭାତ ଫେରି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗୋପବନ୍ଧୁ ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶାନ୍ତନୁ କୁମାର ରାଉତଙ୍କ ସଭାପତିତ୍ୱ ପୂର୍ବାହ୍ନରେ ଅନୁଷ୍ଠିତ ହୃଦାନନ୍ଦ କଲ୍ୟାଣ ମଣ୍ଡପର ଉଦ୍‌ଘାଟନ ଉତ୍ସବ ଓ ସ୍ମୃତିସଭାରେ ମୁଖ୍ୟଅତିଥି ଭାବେ ଜିଲ୍ଲା ବିଜେଡି ପର୍ଯ୍ୟବେକ୍ଷକ ସଞ୍ଜୟ କୁମାର ଦାସବର୍ମା, ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ଚାନ୍ଦବାଲି ବିଧାୟକ ଡ.ବ୍ୟୋମକେଶ ରାୟ, ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ ଜେନା, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ପ୍ରାକ୍ତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଭଦ୍ରକ ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକ, ଜିଲ୍ଲା ବିଜେଡି ସଭାପତି ଜଗନ୍ନାଥ ସ୍ୱାଇଁ, ଧାମନଗର ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ଭଦ୍ରକ ବ୍ଲକ ଉପାଧ୍ୟକ୍ଷ ମୁକୁନ୍ଦଦେବ ସାମଲ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ବିନୋଦ ନାୟକ, ଜିଲ୍ଲା ପରିଷଦ ସଭ୍ୟ ସାରଦାପ୍ରସନ୍ନ ସାହୁ, ଏନ୍‌ଏସି ଅଧ୍ୟକ୍ଷା ନିବେଦିତା ଜେନା, ବରିଷ୍ଠ ଆଇନଜୀବୀ ଦେବାଶିଷ ସାମଲ, ହସନାବାଦ ସରପଞ୍ଚ ଅଜୟ କୁମାର ମଲ୍ଲିକ, ସମିତିସଭ୍ୟା ଅଭିଲିପ୍ସା ରାଉତ, ବିଜେଡି ବ୍ଲକ ସଭାପତି ଉମେଶ ଚନ୍ଦ୍ର ମହାନ୍ତି, ସିପିଆଇଏମ୍ ନେତା ଚନ୍ଦ୍ରଶେଖର ନାୟକ, ବିଜେଡି ନେତା ପ୍ରତାପ ସାମଲ, ଦୟାନିଧି ମିଶ୍ର, ବିଦ୍ୟାଧର ରାଉତ, ହରେକୃଷ୍ଣ ପାଢ଼ୀ, ଅଶୋକ ବଳ, ବସନ୍ତ ନାୟକ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ଛାମୁଆ ନେତାଙ୍କ ସମେତ ନିର୍ବାଚନ ମଣ୍ଡଳୀର ଯୁବ ନେତା ସୁଧନ୍ୟା ନାୟକ, ଭାରତ ବିଜୟ ଦଳେଇ, ସେକ୍ ଜାଫର ଅଲ୍ଲୀ, କୃଷ୍ଣଚନ୍ଦ୍ର ଜେନା, ସୁଶାନ୍ତ ନାୟକ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସ୍ୱର୍ଗତ ହୃଦାନନ୍ଦ ମଲ୍ଲିକଙ୍କ ବଡ଼ ନାତି ଅଶୋକ କୁମାର ମଲ୍ଲିକଙ୍କ ସମେତ ପରିବାରବର୍ଗ ଓ ବନ୍ଧୁବାନ୍ଧବ ଉପସ୍ଥିତ ଥିବା ବେଳେ ପ୍ରାରମ୍ଭରେ ତାଙ୍କ ପୁତ୍ର ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ନାତି ତଥା ଦୈନିକ ‘ସକାଳ’ର ପ୍ରକାଶକ, ରାଜ୍ୟ ବିଜେଡି ପ୍ରବକ୍ତା ଅମିତ କୁମାର ମଲ୍ଲିକ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।





## ବରିଷ୍ଠ ଟେନିସ୍‌ବଲ କ୍ରିକେଟ୍ ଦଳରେ ଭଦ୍ରକର ୩ ଖେଳାଳି



**ଭଦ୍ରକ,୧।୩(ସମିସ):** ତାମିଲନାଡୁରରାମନାଥପୁରମଠାରେଜାତୀୟସ୍ତରୀୟବରିଷ୍ଠ ଟେନିସ୍‌ବଲ କ୍ରିକେଟ୍ ପ୍ରତିଯୋଗିତା ଚଳିତ ମାସ ୩ରୁ ଆରମ୍ଭ ହୋଇ ୫ ମାର୍ଚ୍ଚରେ ସମାପ୍ତ ହେବ। ଏହି ପ୍ରତିଯୋଗିତା ନିମନ୍ତେ ଓଡିଶା ତାର ବାଳକ ଦଳ ଘୋଷଣା କରିଛି। ଏହି ଓଡିଶା ଦଳରେ ଭଦ୍ରକ ଜିଲ୍ଲାରୁ ୩ ଜଣ ବାଳକ ସ୍ଥାନ ପାଇଛନ୍ତି। ସେମାନେ ହେଲେ ଦେବାଶିଷ ପାଣିଗ୍ରାହୀ, ରାଜେନ୍ଦ୍ର ସେଠୀ ଓ ରଜତ୍ ନାୟକ। ଏହି ଖେଳାଳିମାନଙ୍କୁ ଭଦ୍ରକ ଜିଲ୍ଲା ଟେନିସବଲ୍ ସଂଘର ସଂପାଦକ ଦେବବ୍ରତ ଜେନା, ସଭାପତି ତନ୍ମୟ ମହାନ୍ତି, କାର୍ଯ୍ୟକାରୀ ସଭାପତି ଗୌରହରି ମଣ୍ଡଳ, ଉପସଭାପତି ଜଗବନ୍ଧୁ ବେହେରା, କ୍ରୀଡ଼ା ଶିକ୍ଷକ ମନୋଜ କୁମାର ସାହୁ, ବି. ପିତାମ୍ବର ରେଡ୍ଡି ପ୍ରମୁଖ ଶୁଭେଚ୍ଛା ଜଣାଇବା ସହିତ ସେମାନଙ୍କ ସଫଳତା କାମନା କରିଛନ୍ତି।

## ପାକ୍ସ ଓ ଲ୍ୟାମ୍ପ୍ସ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ



**ଭଣ୍ଡାରିପୋଖରୀ/ମଞ୍ଜୁରୀରୋଡ,୧।୩(ସମିସ):** ଭଣ୍ଡାରିପୋଖରୀ ବ୍ଲକର ସମସ୍ତ ପ୍ରାଥମିକ କୃଷି ସମବାୟ ସମିତିର କର୍ମଚାରୀମାନେ ଶୁକ୍ରବାର ଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନରେ ଯୋଗଦେଇ ଧାରଣା ଦେଇଥିବା ଜଣାଯାଇଛି। ନଗୁଆଁ, ସରସଦା, ତେସିଙ୍ଗା, ନାରାୟଣପୁର, ନେରଡା, ନାଆମୀ, ରହଣିଆ, ବାଲିପୋଖରୀ, ମାଳଦା, କୁରିଗାଁ, ସାନଶାସନ ଆଦି ପ୍ରାଥମିକ କୃଷି ସମବାୟ ସମିତିର ସମ୍ପାଦକ ଓ ସହଯୋଗୀ ଆଦି ୬୦ ଜଣ କର୍ମଚାରୀ ସମିତିଗୁଡିକରେ ତାଲା ପକାଇ ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ଭଣ୍ଡାରିପୋଖରୀ ଶାଖା କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ସମସ୍ତ ପାକ୍ସ ଓ ଲ୍ୟାମ୍ପସ କର୍ମଚାରୀଙ୍କୁ କ୍ୟାଡରଭୁକ୍ତ କରି ବଦଳି କରିବା, ଷଷ୍ଠ ବେତନ କମିଶନ ହାରରେ ଦରମା ପାଉଥିବା କର୍ମଚାରୀଙ୍କ ଡିଏ ୧୬୪ ପ୍ରତିଶତରୁ ୨୩୦ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି କରିବା, ଏହି କର୍ମଚାରୀଙ୍କ ସପ୍ତମ ବେତନ କମିଶନ ହାରରେ ଦରମା ପ୍ରଦାନ କରିବା ଆଦି ୩ ଦଫା ଦାବି ପୂରଣ ପାଇଁ ଏହି କାର୍ଯ୍ୟବନ୍ଦ ଆନ୍ଦୋଳନ ଓ ଧାରଣା ଆଜି ଠାରୁ ଆରମ୍ଭ ହୋଇ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ଜଣାଯାଇଛି।

## ରଘୁନାଥପୁର ମୁକ୍ତମଞ୍ଚ ନାଟକ ମହୋତ୍ସବ ଉଦ୍‌ଯାପିତ



**ଭଣ୍ଡାରିପୋଖରୀ,୧।୩(ସମିସ):** ଭଣ୍ଡାରିପୋଖରୀ ବ୍ଲକର ରଘୁନାଥପୁର ଗ୍ରାମରେ ଗତ ରବିବାର ଠାରୁ ଆରମ୍ଭ ହୋଇଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ଓ ମୁକ୍ତମଞ୍ଚ ନାଟକ ମହୋତ୍ସବ ଉଦଯାପିତ ହୋଇଯାଇଛି। ଶ୍ରୀଜଗନ୍ନାଥଙ୍କ ହରିହାଟ ଓ ସପ୍ତାମେଳା ଉପଲକ୍ଷେ ଶ୍ରୀଜଗନ୍ନାଥ ଯୁବନାଟ୍ୟ ପରିଷଦ ଆନୁକୂଲ୍ୟରେ ସପ୍ତା ପ୍ରାଙ୍ଗଣରେ ଅନୁଷ୍ଠିତ ଏହି ମହୋତ୍ସବକୁ ବିଧାୟକ ପ୍ରଫୁଲ୍ଲ ସାମଲ ମୁଖ୍ୟଅତିଥି ଭାବେ ଉଦଘାଟନ କରିଥିଲେ। ଉତ୍ସବର ସଭାପତି ସରୋଜ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲ୍ଲା ପରିଷଦ ସଦସ୍ୟ ଉତ୍କଳ କେଶରୀ ମହାନ୍ତି, ପ୍ରାକ୍ତନ ସରପଞ୍ଚ ମୋହନ ରାୟ, ଯୁବନେତା ପ୍ରତ୍ୟୁଷ ସାମଲ, କାର୍ଯ୍ୟନିର୍ବାହୀ ଅଧିକାରୀ ନାରାୟଣଚନ୍ଦ୍ର ପଣ୍ଡା, ୱାର୍ଡ ସଦସ୍ୟ ଭରତ ଭୂଷଣ ନାଥ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ୨ୟ ରଜନୀରେ ସମାଜସେବୀ ସୁବ୍ରତ ଦାସ ମୁଖ୍ୟଅତିଥି, ସରପଞ୍ଚ ଅକ୍ଷୟ କୁମାର ତ୍ରିପାଠୀ, ଯୁବନେତା ବିଜୟ ଶଙ୍କର ମହାନ୍ତି, ଅନିଲ ଶତପଥୀ, ପବିତ୍ର ପାଣିଗ୍ରାହୀ, ରମାକାନ୍ତ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ୩ୟ ରଜନୀରେ ଉଦ୍ୟୋଗୀ ସଞ୍ଜିବ ପରିଡା ମୁଖ୍ୟଅତିଥି, ବ୍ରଜକିଶୋର ନାୟକ, ଗଗନ ସେଠୀ, ଅନିଲ ମହାନ୍ତି, ବଟକୃଷ୍ଣ ମାଝୀ, ନିଳମଣି ବୋଇତାଇ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉଦଯାପନୀ ରଜନୀରେ ବିଜେପି ନେତା ବଦ୍ରୀନାରାୟଣ ଧଳ ମୁଖ୍ୟଅତିଥି, ନେତ୍ରୀ ମନସ୍ମିତା ଖୁଣ୍ଟିଆ, ମଣ୍ଡଳ ସଭାପତି ଶ୍ରୀଧର ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଦଯାପନୀ ଘୋଷଣା କରିଥିଲେ। ଏହି ମହୋତ୍ସବରେ ମୁକୁନ୍ଦପୁର ନାଟ୍ୟ ପରିଷଦକୁ ଯୁବନାଟ୍ୟ ପୁରସ୍କାର, ମା’ମ ଐଶାନେଶ୍ୱରୀ ଯୁବନାଟ୍ୟ ପରିଷଦକୁ ୨ୟ ପୁରସ୍କାର, ରାମେଶ୍ୱର ନାଟ୍ୟ ସଂସଦକୁ ୩ୟ ପୁରସ୍କାର ପ୍ରଦାନ କରାଯାଇନଥିଲା।

## ୨ୟ ଦଫାରେ ଆଗ୍ରା ମଥୁରାକୁ ୫ ଦିନିଆ ଯାତ୍ରା

# ତୀର୍ଥଯାତ୍ରାରେ ଗଲେ ୧୪୬ ବରିଷ୍ଠ ନାଗରିକ

**ଭଦ୍ରକ,୧।୩(ସମିସ):** ରାଜ୍ୟ ସରକାରଙ୍କ ବରିଷ୍ଠ ତୀର୍ଥ ନାଗରିକ ଯାତ୍ରା ଯୋଜନାରେ ଚଳିତ ବର୍ଷ ପାଇଁ ଦ୍ୱିତୀୟ ଦଫାରେ ଭଦ୍ରକ ଜିଲ୍ଲା ପାଇଁ ଧାର୍ଯ୍ୟ ସଂଖ୍ୟା ୧୪୬ ଜଣ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରାରେ ବାହାରିଯାଇଛନ୍ତି। ଏଥିପାଇଁ ବହୁ ପୂର୍ବରୁ ଜିଲ୍ଲା ପ୍ରଶାସନର ପୂର୍ଣ୍ଣ ପ୍ରସ୍ତୁତି ଅନୁଯାୟୀ ଶୁକ୍ରବାର ଅପରାହ୍ନରେ ଏ ଯାତ୍ରାର ଶୁଭାରମ୍ଭ କରାଯାଇଛି। ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ପରିଷଦର ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଜେନା, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ପ୍ରଶାସନିକ ଅଧିକାରୀ ରାମଦାସ ଟୁଡୁ ଓ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ କାର୍ତ୍ତିକ ନାଥ ମଣ୍ଡଳ ପ୍ରମୁଖଙ୍କ ଉପସ୍ଥିତିରେ ସୁସଜ୍ଜିତ ୪ଟି ବସ୍‌ରେ ସମସ୍ତ ତୀର୍ଥ ଯାତ୍ରୀଙ୍କ ଶୁଭ ଯାତ୍ରାକୁ ପତାକା ପ୍ରଦର୍ଶନ ପୂର୍ବକ ଶୁଭାରମ୍ଭ କରାଯାଇଥିଲା।



ପ୍ରକାଶ ଥାଉକି ପ୍ରତି ବ୍ଲକ୍‌ରୁ ତାଲିକାଭୁକ୍ତ ବରିଷ୍ଠ ନାଗରିକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପରେ ଜିଲ୍ଲା ସଦର ମହକୁମାକୁ ଅଣାଯାଇ ସଂସ୍କୃତି ଭବନରେ ଏକତ୍ରିତ କରାଯାଇଥିଲା। ସେଠାରେ ମଧ ଯାତ୍ରୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଡାକ୍ତର ଓ ଆନୁସଙ୍ଗିକ ବ୍ୟବସ୍ଥା କରାଯାଇଥିଲା। ପରେ ସମସ୍ତଙ୍କୁ ବାଲେଶ୍ୱର ନିଆଯାଇଥିଲା। ଶୁକ୍ରବାର ବାଲେଶ୍ୱରରେ ରାତ୍ରରହଣି ପରେ ମାର୍ଚ୍ଚ ୨ରେ ବାଲେଶ୍ୱରରୁ ରେଳ ଦ୍ୱାରା ଆଗ୍ରା ଓ ମଥୁରାକୁ ସେମାନଙ୍କର ଯାତ୍ରା ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି। ଭଦ୍ରକ ବ୍ଲକ ଓ ମ୍ୟୁନିସିପାଲିଟିରୁ ୩୮, ବାସୁଦେବପୁର ବ୍ଲକ ଓ ମ୍ୟୁନିସିପାଲିଟିରୁ ୧୮, ଧାମନଗରରୁ ୨୪, ଚାନ୍ଦବାଲିରୁ ୧୪, ତିହିଡ଼ିରୁ ୧୩, ଭଣ୍ଡାରିପୋଖରୀରୁ ୯, ବନ୍ତରୁ ୩୦ ସମୁଦାୟ ୧୪୬ ଜଣ ଯାତ୍ରୀ ୨ୟ ଦଫାରେ ଆଗ୍ରା ମଥୁରାକୁ ୫ ଦିନିଆ ତୀର୍ଥଯାତ୍ରାରେ ଯାଇଛନ୍ତି। ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଶ୍ରୀ ମଣ୍ଡଳଙ୍କ ସଂଯୋଜନାରେ ଜିଲ୍ଲା ସଂସ୍କୃତି ଭବନରେ ଯାତ୍ରୀମାନଙ୍କ ଉଦ୍ଦେଶ୍ୟରେ ତୀର୍ଥଯାତ୍ରା ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଜିଲ୍ଲା ସଂସ୍କୃତି ଅଧିକାରୀ ତନୁଜା ସିର୍କା ଏବଂ ଓଲଙ୍ଗ ସରପଞ୍ଚ ଅକ୍ଷୟ ମହାନ୍ତି ଓ ପୂର୍ବତନ ସରପଞ୍ଚ ଦେବୀଦତ୍ତା ମହାନ୍ତି ଯୋଗ ଦେଇଥିଲେ। ବିଭାଗୀୟ କର୍ମଚାରୀ ଲକ୍ଷ୍ମୀଧର ତ୍ରିପାଠୀ, ହେମନ୍ତ ପ୍ରଧାନ, ସ୍ୱାଗତିକା ସାହୁ, ଶ୍ୟାମସୁନ୍ଦର ଜେନା, ମିନତୀ ସିଂ, ଆଇଜାକ୍ ମହାନ୍ତି, ବନମାଳୀ ପ୍ରଧାନ, ରସିକମୋହନ ମହାନ୍ତି, ରାକେଶ ନାୟକ, ପୂର୍ଣ୍ଣଚନ୍ଦ୍ର ସିଂ, ମନୋଜ ବେହେରା, ରାଜେନ୍ଦ୍ର ମହାପାତ୍ର, ଅଜିତ୍ ରଥ, ଲୋକନାଥ ବିଶ୍ୱାଳ, ଉମାକାନ୍ତ ଜେନା ପ୍ରମୁଖ ଏହି କାର୍ଯ୍ୟକ୍ରମ ଆୟୋଜନ ଓ ପରିଚାଳନାରେ ବିଭିନ୍ନ ଦାୟିତ୍ୱ ନିର୍ବାହ କରିଥିଲେ। ଚାନ୍ଦବାଲି ପିଇଓ ଧୀରେନ୍ଦ୍ର ନାୟକ, ବନ୍ତ ବିଏସ୍‌ଏସ୍‌ଓ ପ୍ରକାଶ ସାହୁ, ଭଦ୍ରକ ବିଏସ୍‌ଏସ୍‌ଓ କାର୍ଯ୍ୟାଳୟର କନିଷ୍ଠ ସହାୟକ ଜଗନ୍ନାଥ ପ୍ରସାଦ ସିଂ, ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ୟୁନିଟ୍‌ର ଫାଇନାସ୍ ଏକ୍ସପର୍ଟ ଭଗବାନ ବାରିକ, ଧାମନଗର ବ୍ଲକ୍‌ର ପିଇଓ ନରେନ୍ଦ୍ର ନାୟକ ପ୍ରମୁଖ ୫ ଜଣଙ୍କୁ ଏହି ତୀର୍ଥଯାତ୍ରାରେ ଏସକର୍ଟ ଅଧିକାରୀ ଭାବେ ଯିବା ପାଇଁ ଦାୟିତ୍ୱ ଅର୍ପଣ କରାଯାଇଛି।

## ● କାର୍ଗୋ ପରିଚାଳନାରେ ଧାମରା ପୋର୍ଟର ସଫଳତା

# ୪.୨୨ ଏମ୍‌ଏମ୍‌ଟି ରେକର୍ଡ ହାସଲ

**ଭଦ୍ରକ,୧।୩(ସମିସ):** ଆଦାନୀ ପୋର୍ଟସ୍ ଆଣ୍ଡ ସ୍ପେଶାଲ ଇକୋନୋମିକ୍ ଜୋନ୍ ଅଧୀନରେ ଥିବା ଧାମରା ପୋର୍ଟ କାର୍ଗୋ ପରିଚାଳନା କ୍ଷେତ୍ରରେ ଐତିହାସିକ ରେକର୍ଡ ହାସଲ କରିଛି। ଫେବୃଆରୀ ମାସରେ ୪.୨୨ ମିଲିୟନ ମେଟ୍ରିକ ଟନ୍ କାର୍ଗୋ ପରିଚାଳନା କରି ପୂର୍ବର ସମସ୍ତ ରେକର୍ଡ ଅତିକ୍ରମ କରିଛି। ଗତ ୨୦୨୩ ନଭେମ୍ବର ମାସରେ ଧାମରା ପୋର୍ଟ ୩.୯୬ ଏମ୍‌ଏମ୍‌ଟି କାର୍ଗୋ ପରିଚାଳନା କରିଥିଲା। ସେହିପରି ଧାମରା ପୋର୍ଟ ଡ୍ରାଏ କାର୍ଗୋ ପରିଚାଳନାରେ ନଭେମ୍ବର ମାସର ୩.୫୭ ଏମ୍‌ଏମ୍‌ଟି ରେକର୍ଡକୁ ଅତିକ୍ରମ କରି ଫେବୃଆରୀ ମାସରେ ୩.୭୮ ଏମ୍‌ଏମ୍‌ଟି ରେକର୍ଡ କରିଛି।



ଫେବୃୟାରୀ ମାସର ସ୍ୱଳ୍ପ ଦିନର କାର୍ଯ୍ୟ ଅବଧି ଏବଂ କିଛି ଅପ୍ରତ୍ୟାଶିତ ପରିସ୍ଥିତି ପୋର୍ଟ କାର୍ଯ୍ୟକୁ ବାଧାପ୍ରାପ୍ତ କରିଥିଲେ ସୁଦ୍ଧା ଧାମରା ପୋର୍ଟ ଟିମ୍‌ର କାର୍ଯ୍ୟଦକ୍ଷତା ଓ ଉତ୍ସର୍ଗୀକୃତ ମନୋଭାବ ପୋର୍ଟକୁ ଏହି ରେକର୍ଡ ଦିଗକୁ ଅଗ୍ରସର କରାଇ ପାରିଥିଲା। ଧାମରା ପୋର୍ଟର ଏହି ସଫଳତାକୁ ନେଇ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦେବେନ୍ଦ୍ର ଠକ୍କର ସମସ୍ତ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। କର୍ମଚାରୀଙ୍କ ଅକ୍ଳାନ୍ତ ପରିଶ୍ରମ, ନିଷ୍ଠା ଓ ଅଧ୍ୟବସାୟ ବଳରେ ଏହା ସମ୍ଭବ ହୋଇପାରିଛି। ଏଥିସହ ଧାମରା ପୋର୍ଟ ଆଗାମୀ ଦିନରେ କିପରି ଅଧିକରୁ ଅଧିକ ସଫଳତା ହାସଲ କରି ପାରିବ ସେ ନେଇ ପ୍ରଚେଷ୍ଟା ଜାରି ରଖିବାକୁ ସେ ଆହ୍ୱାନ କରିଛନ୍ତି।

## ବିଶ୍ୱ ହ୍ୱିଲଚେୟାର ଦିବସ ପାଳିତ




**ଭଦ୍ରକ,୧।୩(ସମିସ):** ଭଦ୍ରକ ଜିଲ୍ଲା ପ୍ରଶାସନ ଓ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ବିଶ୍ୱ ହ୍ୱିଲ ଚେୟାର ଦିବସ ପାଳିତ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ ରାମଦାସ ଟୁଡୁଙ୍କ ଅଧ୍ୟକ୍ଷତାରେ ଚରମ୍ପାର ଉଗ୍ରସେନ ଭବନ ଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ ସଂଯୋଜନା କରିଥିଲେ। ଉକ୍ତ ସଭାରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ଦତ୍ତ ଏବଂ ଅନ୍ୟତମ ଅତିଥି ଭାବେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପବିତ୍ରମୋହନ ଦାସ, ଜିଲ୍ଲା ସଂଯୁକ୍ତ ଅଧିକାରୀ ଓ ସିଆର୍‌ଏସ୍‌ଆର୍ ସାଧାରଣ ସମ୍ପାଦକ ଭଗବାନ ପରିଡ଼ା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଭିନ୍ନକ୍ଷମ ସଶକ୍ତିକରଣ ସକାଶେ ଆନ୍ତରିକ ପ୍ରେମ ହିଁ ମହାମନ୍ତ୍ର ବୋଲି ପ୍ରକାଶ କରିବା ସହ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାକୁ କାର୍ଯ୍ୟ କରିବା ଆବଶ୍ୟକ ବୋଲି ବକ୍ତବ୍ୟ ଦେଇଥିଲେ। ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସୁବାସ ଚନ୍ଦ୍ର ନାୟକ ସ୍ୱାଗତ ସମ୍ଭାଷଣ ସହ ଦିବସ ପାଳନର ଆଭିମୁଖ୍ୟ ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ। ସଙ୍ଗୀତଜ୍ଞ ଭିନ୍ନକ୍ଷମ ମାଧବାନନ୍ଦ ସାହୁ, ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ପ୍ରୟାସ ଅନୁଷ୍ଠାନ ସାଂସ୍କୃତିକ କାର୍ଯ୍ୟକ୍ରମ ଶୁଭେନ୍ଦୁ ବିଶ୍ୱାଳଙ୍କ ନେତୃତ୍ୱରେ ପରିବେଷଣ କରିଥିଲେ। ଜିଲ୍ଲା ଭିନ୍ନକ୍ଷମ ସଶକ୍ତିକରଣ ସଂଯୋଜକ ଜଳନ୍ଧର ମଣ୍ଡଳ ଧନ୍ୟବାଦ ଦେଇଥିଲେ। ସଂଗଠିକା ସୁମନ ଜେନା, ଭିପ୍‌ସା ନାୟକ, ସସ୍ମିତା ରାଉତ, ବିଦ୍ରୁଶଙ୍କର ନାୟକ ପ୍ରମୁଖ ସମାରୋହ ପରିଚାଳନା କରିଥିଲେ।

# ଭଦ୍ରକ ଜିଲ୍ଲାରେ ୧୦୬ଟି ବହୁମୁଖୀ ବାତ୍ୟାବନ୍ୟା ଆଶ୍ରୟସ୍ଥଳୀ

**ଭଦ୍ରକ,୧।୩(ସମିସ)**




ଭଦ୍ରକ ଜିଲ୍ଲାରେ ୮୬ଗୋଟି ବହୁମୁଖୀ ବାତ୍ୟାବନ୍ୟା ଆଶ୍ରୟସ୍ଥଳୀ ରହିଛି। ଏଗୁଡ଼ିକୁ ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ନିର୍ମାଣ କରାଯାଇଥିଲା। ସେହିଭଳି ଭଦ୍ରକ ଜିଲ୍ଲାରେ ରେଡ୍‌କ୍ରସ ସଂସ୍ଥା ଦ୍ୱାରା ୨୦ଟି ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମିତ ହୋଇଛି। ତେବେ ଜିଲ୍ଲାର ମୋଟ ୧୦୬ ଆଶ୍ରୟସ୍ଥଳୀ ମଧ୍ୟରୁ ସର୍ବାଧିକ ୫୦ଟି କେବଳ ବାସୁଦେବପୁର

**ବାସୁଦେବପୁରରେ ସର୍ବାଧିକ ୫୦ଟି**

ଅଞ୍ଚଳରେ ରହିଛି। ଅନ୍ୟପକ୍ଷେ ଏହି ୮୬ମଧ୍ୟରୁ ୬୩ଟି ବାତ୍ୟା ଓ ୨୩ଟି ବନ୍ୟା ଆଶ୍ରୟସ୍ଥଳୀ ରହିଛି। ସୂଚନାଯୋଗ୍ୟ, ରାଜ୍ୟ ସରକାରଙ୍କ ପକ୍ଷରୁ ନିର୍ମିତ ୮୬ଟି ଆଶ୍ରୟସ୍ଥଳୀ ମଧ୍ୟରୁ ବାସୁଦେବପୁର ବ୍ଲକର- ବାଲିମେଦ, ଆନ୍ଦୋଳା, ଆରଡୁଙ୍ଗ, ବିରସ, ଚୁଡାମଣି, ଗୋପବନ୍ଧୁପୁର, ଜଗନ୍ନାଥପ୍ରସାଦ, କୁମାରପୁର, ଲୁଙ୍ଗା, ନାୟକାଣିଡିହି, ନରସିଂହପୁର, ପଡୁଆଁ ପଞ୍ଚାୟତରେ ଗୋଟିଏ ଲେଖାଁଏ ଥିବା ବେଳେ ବାସୁଦେବପୁର ପୌରପାଳିକାର ରାଧାକାନ୍ତପୁରରେ ଗୋଟିଏ ରହିଛି। ସେହିଭଳି ଏହି ବ୍ଲକର ରାଜଘରପୋଖରୀ ପଞ୍ଚାୟତରେ ୩ଟି, ସାନକୃଷ୍ଣପୁରରେ ୩ଟି, ସୁଦର୍ଶନପୁର ପଞ୍ଚାୟତରେ ୨ଟି(ବନ୍ୟା ଆଶ୍ରୟସ୍ଥଳୀ), ଆଡୁଆରେ ୨ଟି, ବିଦେଇପୁରରେ ୨ଟି, ଇରମରେ ୨ଟି, ଗୋବିନ୍ଦପୁରରେ ୨ଟି, ଜଗନ୍ନାଥପୁରରେ ୨ଟି, କିସ୍ମତକୃଷ୍ଣପୁରରେ ୨ଟି, ଲକ୍ଷ୍ମୀଦାସପୁରରେ ୨ଟି, ନୂଆଗାଁରେ ୨ଟି, ରାଜଘରପୋଖରୀ ପଞ୍ଚାୟତରେ ୩ଟି, ସାନକୃଷ୍ଣପୁର ପଞ୍ଚାୟତରେ ୩ଟି, ସୁଦର୍ଶନପୁରରେ ୨ଟି (ବନ୍ୟା ଆଶ୍ରୟସ୍ଥଳୀ), ଚାନ୍ଦବାଲି ବ୍ଲକର ୨୯ଟି ଆଶ୍ରୟସ୍ଥଳୀ ମଧ୍ୟରୁ ଭୁଇଁବୃତି ପଞ୍ଚାୟତ(ବନ୍ୟା), ଯଶିପୁର, ନୂଆଗାଁ, କାରଣପଲ୍ଲୀ, କରଞ୍ଜମାଳ, ମାଧପୁର(ବନ୍ୟା), ନଳଗୋହିରା ଓ ନନ୍ଦପୁର(ବନ୍ୟା) ଗୋଟିଏ ଲେଖାଏଁ ଆଶ୍ରୟସ୍ଥଳୀ ରହିଛି। ସେହିଭଳି ଏହି ଚାନ୍ଦବାଲି ବ୍ଲକର ଦୋସିଙ୍ଗା ପଞ୍ଚାୟତରେ ୪ଟି, ଜଗୁଲାରେ ୨ଟି, କଇଥଖୋଲାରେ ୩ଟି, ପଞ୍ଚୁଟିକ୍ରିରେ ୨ଟି, ବାଂଶଡାରେ ୩ଟି ଓ ତୋଟାପଡାରେ ୫ଗୋଟି ବାତ୍ୟା ଆଶ୍ରୟସ୍ଥଳୀ ରହିଛି। ଅନୁରୂପ ଭାବେ ଜିଲ୍ଲାର ସର୍ବାଧିକ ବନ୍ୟାପ୍ରବଣ ଧାମନଗର ବ୍ଲକରେ ୫ଗୋଟି ପଞ୍ଚାୟତରେ ବନ୍ୟା ଆଶ୍ରୟସ୍ଥଳୀ ରହିଛି। ଏଗୁଡିକ ହେଲା-ଅର୍ଜୁନପୁର, ବମକୁରା, ବୟାଙ୍ଗଡିହି, ପଧାନୀ ଓ ସୋହଡା। ସେହିଭଳି ତିହିଡି ବ୍ଲକର ୭ଟି ପଞ୍ଚାୟତରେ ଗୋଟିଏ ଲେଖାଏଁ ଆଶ୍ରୟସ୍ଥଳୀ ରହିଛି। ଏଗୁଡିକ ମଧ୍ୟରୁ ୬ଟି ବାତ୍ୟା ଆଶ୍ରୟସ୍ଥଳୀ-ବହାବଳପୁର, ବାରସର, ବାରୋ, ଗୋବିନ୍ଦପୁର, ସୟା, ଶ୍ୟାମସୁନ୍ଦରପୁର। ସେହିଭଳି ଏବି ବ୍ଲକର ସିନ୍ଦୋଳଠାରେ ଗୋଟିଏ ବନ୍ୟା ଆଶ୍ରୟସ୍ଥଳୀ ରହିଛି। ଭଦ୍ରକ ସଦର ବ୍ଲକର ୨ଟି ପଞ୍ଚାୟତରେ ବନ୍ୟା ଆଶ୍ରୟସ୍ଥଳୀ ରହିଛି। ଏଗୁଡିକ ହେଲା-ଅର୍ଣ୍ଣପାଳ ଓ ଦୈସିଂ। ସେହିଭଳି ବନ୍ତ ବ୍ଲକର ଅଣିଜୋ ପଞ୍ଚାୟତରେ ଗୋଟିଏ ବନ୍ୟା ଆଶ୍ରୟସ୍ଥଳୀ ରହିଥିବା ବେଳେ ଜିଲ୍ଲାର ଭଣ୍ଡାରିପୋଖରୀ ବ୍ଲକର ୩ଟି ପଞ୍ଚାୟତ-ମାଳଦା, ନଆମୀ ଓ ଷୋଳମପୁରରେ ଗୋଟିଏ ଲେଖାଁଏ ବନ୍ୟା ଆଶ୍ରୟସ୍ଥଳୀ ରହିଛି। ଏହାବାଦ ଜିଲ୍ଲାରେ ରେଡ୍‌କ୍ରସ ସଂସ୍ଥାର ୨୦ଟି ବାତ୍ୟା ଆଶ୍ରୟସ୍ଥଳୀ ରହିଛି। ସେଥିରେ ବାସୁଦେବପୁର ବ୍ଲକରେ ୧୧ଟି ଓ ଚାନ୍ଦବାଲି ବ୍ଲକରେ ୯ଟି ଆଶ୍ରୟସ୍ଥଳୀ ରହିଛି। ଅନ୍ୟପକ୍ଷରେ ଗତ ମାସ ୭ତାରିଖ ବିଧାନସଭା ପ୍ରଶ୍ନୋତ୍ତର କାଳରେ ଭଦ୍ରକ ବିଧାୟକ ସଂଜୀବ କୁମାର ମଲ୍ଲିକଙ୍କ ପ୍ରଶ୍ନରେ ଉତ୍ତର ରଖି ରାଜସ୍ୱ ମନ୍ତ୍ରୀ ସୁଦାମ ମାର୍ଣ୍ଡି କହିଛନ୍ତି ଆବଶ୍ୟକତା ଓ ସମ୍ବଳ ଆଧାରରେ ଅଧିକ ସଂଖ୍ୟକ ବାତ୍ୟାବନ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ଲାଗି ପଦକ୍ଷେପ ନିଆଯିବ।

### ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା

# ଦ୍ୱିତୀୟ ପର୍ଯ୍ୟାୟରେ ଜିଲ୍ଲାର ୧୭୮ ଜଣ ସାମିଲ

ଯାଜପୁର, ୧।୩(ସମିସ)

ଆଜି ଅପରାହ୍ନରେ ଯାଜପୁର ଜିଲ୍ଲାର ଯାଜପୁର, ଦାନଗଦି, ଧର୍ମଶାଳା, କୋରେଇ, ରସୁଲପୁର, ବଡ଼ଚଣା, ବିଞ୍ଝାରପୁର ଓ ଦଶରଥପୁର ବ୍ଲକରୁ ମୋଟ ୧୭୮ ଜଣ ମହିଳା ଓ ପୁରୁଷ ତୀର୍ଥଯାତ୍ରୀ ଆଗ୍ରା, ମଥୁରା ଓ ବୃନ୍ଦାବନ ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି। ଆଜି ଏହି କାର୍ଯ୍ୟକ୍ରମକୁ ପର୍ଯ୍ୟଟନ ବିଭାଗ ଉପ-ନିର୍ଦ୍ଦେଶିକା ହିମାଳୟା ତ୍ରିପାଠୀ ସବୁଜ ପତାକା ଦେଖାଇ ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସରରେ ଶୁଭାରମ୍ଭ କରିଥିଲେ। ସେ ଆଧାତ୍ମିକ ଅନୁଭବର ଆନନ୍ଦ ନେବାକୁ ତୀର୍ଥଯାତ୍ରୀଙ୍କୁ ପରାମର୍ଶ ଦେବା ସହ ସେମାନଙ୍କ ଯାତ୍ରାର ମଙ୍ଗଳମୟ ହେବାପାଇଁ ମା' ବିରଜାଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ତୀର୍ଥଯାତ୍ରୀଙ୍କ ଦେଖାଶୁଣା ଓ ଯତ୍ନ ନେବା ପାଇଁ ୫ ଜଣ ଏସ୍କର୍ଟ ଅଫିସର ନିତ୍ୟାନନ୍ଦ ନାୟକ, ଅରୁଣ କୁମାର ସାହୁ, ସଞ୍ଜୟ କୁମାର ମିଶ୍ର, ସୁବାସ ଚନ୍ଦ୍ର ଦାସ ଓ ଦୟାନିଧି ବେହେରାଙ୍କୁ ପ୍ରେରଣ କରାଯାଇଛି।

ଆଜି ୧୭୮ ଜଣ ତୀର୍ଥଯାତ୍ରୀଙ୍କ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ମେଡିକାଲ ଅଫିସରଙ୍କ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ସେମାନଙ୍କ ପାଇଁ ଖାଦ୍ୟପେୟର ବ୍ୟବସ୍ଥା କରାଯାଇଥିଲା। ପାଞ୍ଚୋଟି ବସ୍‌ରେ



ସେମାନଙ୍କୁ ଆଜି ବାଲେଶ୍ୱର ନିଆଯାଇଛି। ତୀର୍ଥଯାତ୍ରୀଙ୍କ ରାତ୍ର ରହଣୀ, ଖାଦ୍ୟପେୟ ବନ୍ଦୋବସ୍ତ ବାଲେଶ୍ୱର ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ମିଳିତ ଆନୁକୂଲ୍ୟରେ କରାଯିବ। ଆସନ୍ତାକାଲି ପୂର୍ବାହ୍ନ ୧୧ ଘଟିକା ସମୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱତନ୍ତ୍ର ଭାବେ ଆଗ୍ରା, ମଥୁରା ଓ ବୃନ୍ଦାବନ ତୀର୍ଥଯାତ୍ରୀ ଟ୍ରେନକୁ ଶୁଭାରମ୍ଭ କରିବେ। ବାଲେଶ୍ୱର ରେଳ ଷ୍ଟେସନରୁ ଯାଜପୁର ସମେତ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦୁଝର ଜିଲ୍ଲାର ତୀର୍ଥଯାତ୍ରୀଙ୍କୁ ନେଇ ସ୍ୱତନ୍ତ୍ର ଟ୍ରେନ୍ ଆଗ୍ରା, ମଥୁରା, ବୃନ୍ଦାବନ ଅଭିମୁଖେ ଯାତ୍ରା ଆରମ୍ଭ କରିବ। ତୀର୍ଥଯାତ୍ରୀ ତୀର୍ଥ ପରିଭ୍ରମଣ କରି ଆସନ୍ତା ୭ ତାରିଖ ଦିନ ନିଜ ନିଜ ଗନ୍ତବ୍ୟ ସ୍ଥଳକୁ ଫେରିବେ। ଆଜିର ଶୁଭାରମ୍ଭ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରାଙ୍କ ସମେତ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଯୋଗଦେଇଥିଲେ।

## ଜଳିଗଲା ଧାନଗଦା

**ହାତୀବାରି, ୧।୩ (ସମିସ):** ହାତୀବାରି ଗ୍ରାମ ଢୁବୁରୀ ସାହିର ବସନ୍ତ ସେଠୀ, ଶରତ ସେଠୀ, ଭରତ ସେଠୀ, ଆର୍ତ୍ତ ସେଠୀଙ୍କ ଅମଳ ହୋଇନଥିବା ଧାନ ଗଦା ହୋଇ ରହିଥିଲା। ତାହା ଗତକାଲି ରାତିରେ ପୋଡ଼ି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଘର ଲୋକଙ୍କ କହିବା ଅନୁଯାୟୀ ଗତକାଲି ରାତିରେ ପୁଲିସ ପାଟ୍ରୋଲିଂ କରୁଥିବା ସମୟରେ ଧାନ ଗଦା ପୋଡ଼ି ଯାଉଥିବା ଦେଖି ଘର ଲୋକଙ୍କୁ ଡାକିବା ସହିତ ଦମକଳ କେନ୍ଦ୍ରକୁ ଖବର ଦେଇଥିଲେ। ଦମକଳ ବାହିନୀ ସଙ୍ଗେ ସଙ୍ଗେ ଆସି ନିଆଁକୁ ଆୟତ୍ତ କରିଥିଲେ। ନିଆଁ ଆୟତ୍ତ ହେବା ବେଳକୁ ପ୍ରାୟତଃ ସମସ୍ତ ଗଦା ପୋଡ଼ି ନଷ୍ଟ ହୋଇଯାଇଥିଲା।

## ଗବଡିହ ଗ୍ରାମ ମୁରବିଙ୍କ ପରଲୋକ

**ବିଞ୍ଝାରପୁର, ୧।୩(ସମିସ):** ବିଞ୍ଝାରପୁର ବ୍ଲକର ଆଉଁରୀ ପଞ୍ଚାୟତ ଅନ୍ତର୍ଗତ ଗବଡିହ ଗ୍ରାମର ମୁରବୀ ନିଧିରାମ ମହଲ(୯୬)ଙ୍କ ଆଜି ଅପରାହ୍ନରେ ପରଲୋକ ହୋଇଯାଇଛି। ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ହୋଇ ଶଯ୍ୟାଶାୟୀ ଥିଲେ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ଜ୍ୟେଷ୍ଠପୁତ୍ର ସମାଜସେବୀ ଶରଣ କୁମାର ମହଲ, ମଧ୍ୟମପୁତ୍ର ଧୀରେନ୍ଦ୍ର ମହଲ, ସାନପୁଅ ସୁରେନ୍ଦ୍ର ମହଲଙ୍କ ସହିତ ବୋହୂ ପ୍ରେମଲତା, ସାରଥୀଲତା ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱର୍ଗତ ନିଧିରାମ ମହଲ ଗବଡିହ ଗ୍ରାମ କମିଟିର ସମ୍ପାଦକ ଭାବେ କାର୍ଯ୍ୟ କରିଥିଲେ। ତାଙ୍କ ମୃତ୍ୟୁରେ ସାଧାରଣରେ ଶୋକର ଛାୟା ଖେଳିଯାଇଛି। ସମାଜସେବୀ ରମାଲାଲ ଭୂୟାଁ, ସାମ୍ବାଦିକ ରତିଲାଲ ଭୂୟାଁ, ଶିକ୍ଷାବିତ ରତନଲାଲ ଭୂୟାଁ, ସାମ୍ବାଦିକ ସଇଫୁର ରହେମାନ ପ୍ରମୁଖ ଶୋକ ବ୍ୟକ୍ତ କରିବା ସହିତ ଶୋକାକୁଳ ପରିବାର ପ୍ରତି ଗଭୀର ସମବେଦନା ଜ୍ଞାପନ କରିଛନ୍ତି।

## ଶିକ୍ଷୟିତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



**ବିଂଝାରପୁର, ୧।୩(ସମିସ):** ବିଂଝାରପୁର ବ୍ଲକ ଅନ୍ତର୍ଗତ ତାଲୁକପଡ଼ାସ୍ଥ ପରିଦାସ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁଷମାରାଣୀ ଜେନା ଓ ପ୍ରେମଲତା ମହାନ୍ତିଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପ୍ରାଥମିକ ଶିକ୍ଷକ ସଂଘର ସଭାପତି ରବୀନ୍ଦ୍ର କୁମାର ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ସୁବାସ ଚନ୍ଦ୍ର ବିଶ୍ୱାଳ, ବିଶିଷ୍ଟ ଅତିଥି ଭାବେ ଶିକ୍ଷକ ସଂଘର ପ୍ରାକ୍ତନ ସଭାପତି ବିଜୟ କୁମାର ନାୟକ, ସମ୍ମାନିତ ଅତିଥି ଭାବେ ବ୍ଲକର ପୂର୍ବତନ ଚେୟାରମ୍ୟାନ ବାବାଜୀ ଚରଣ ଦାସ, ମୁଖ୍ୟବକ୍ତା ଭାବେ ପୂର୍ବତନ ଏବିଇଓ ପ୍ରମୋଦ କୁମାର ସାମଲ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ବିଆରସିସି ବାସୁଦେବ ମିଶ୍ର, କପିଳା ଗ୍ରାମ ପଞ୍ଚାୟତର ସରପଞ୍ଚ ଦେବଦତ୍ତ ସେଠୀ, ଶିକ୍ଷାବିତ୍ ସୁରେନ୍ଦ୍ର କୁମାର ପତି, ସିଆରସିସି ସରୋଜକାନ୍ତ ନାୟକ, କ୍ଷୀରୋଦ କୁମାର ମଲିକ, ବିଜୟ କୁମାର ରାୟ, ସାମସୁଦ୍ଦିନ ଶେଖ, ପୂର୍ବତନ ପ୍ରଧାନ ଶିକ୍ଷକ ବୃନ୍ଦାବନ ମହାନ୍ତି, ଟିକିଲତା ବେହେରା, ରତନଲାଲ ଭୂୟାଁ, ଶିକ୍ଷକ ସଂଘର ସମ୍ପାଦକ ଅକ୍ଷୟ କୁମାର ସାମଲ, ତ୍ରିଲୋଚନ ପତି, ରବୀନ୍ଦ୍ର କୁମାର ଦାସ, ବିଦ୍ୟାସାଗର ବେହେରା, ରତିକାନ୍ତ ସାମଲ, ବିଷ୍ଣୁଚରଣ ସାମଲ ପ୍ରମୁଖ ଯୋଗଦେଇ ବିଦାୟୀ ଶିକ୍ଷୟିତ୍ରୀଙ୍କ ନିଷ୍ଠାପର ଶିକ୍ଷାଦାନ ଓ ଛାତ୍ର ବତ୍ସଳତା ସମ୍ପର୍କରେ ଆଲୋଚନା କରିଥିଲେ। ଶିକ୍ଷାବିତ୍ ସରୋଜ କୁମାର ମଲ୍ଲିକ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅକ୍ଷୟ କୁମାର ସେଠୀ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଉଭୟ ଶିକ୍ଷୟିତ୍ରୀଙ୍କୁ ପୁଷ୍ପଗୁଚ୍ଛ, ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ଅନନ୍ତନାରାୟଣ ଜେନା ଓ ଶିକ୍ଷୟିତ୍ରୀ କଳ୍ପନା ପଣ୍ଡା ସଭା ପରିଚାଳନାରେ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ମୀରାରାଣୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିବାବେଳେ ଛାତ୍ରଛାତ୍ରୀ ବିଦାୟୀ ସଙ୍ଗୀତ ଗାନ କରିଥିଲେ।

## ଚଣ୍ଡିଖୋଲକୁ ଏନ୍‌ଏସି ଘୋଷଣା ନେଇ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା

**ବଡ଼ଚଣା, ୧।୩ (ସମିସ):** ରାଜ୍ୟ ସରକାର ଓଡ଼ିଶାରେ ୩୫ଟି ନୂତନ ଏନ୍‌ଏସି ଘୋଷଣା କରିଥିବାବେଳେ ସେଥିମଧ୍ୟରେ ଚଣ୍ଡିଖୋଲ ସ୍ଥାନ ପାଇଥିବାରୁ ଚଣ୍ଡିଖୋଲବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ଏ ନେଇ ଆଜି ବିଧାୟକ ଅମର ପ୍ରସାଦ ଶତପଥୀଙ୍କ ନେତୃତ୍ୱରେ ଚଣ୍ଡିଖୋଲର ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ନବୀନ ନିବାସ ଯାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିୟାନଙ୍କୁ ଭେଟି କୃତଜ୍ଞତା ଜଣାଇଛନ୍ତି। ଏଥିରେ ବଡ଼ଚଣା ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତୀ ସେନାପତି, ଉପାଧ୍ୟକ୍ଷ ବିଭାସ ଚନ୍ଦ୍ର ନନ୍ଦ, ଜିଲ୍ଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ଯତୀନ୍ଦ୍ର ପ୍ରସାଦ ନାୟକ, ସରପଞ୍ଚ ରଞ୍ଜନ କୁମାର ଦାସ, ଯଯାତୀ କେଶରୀ ରାଉତ, ନବଦ୍ୱୀପ ନାୟକ, ସମରେନ୍ଦ୍ର ମହାପାତ୍ର, ମିହିର କୁମାର ସ୍ୱାଇଁ,



ରାଜଲକ୍ଷ୍ମୀ ମହାନ୍ତି, ସମିତିସଭ୍ୟ ମଧୁସୂଦନ ବଳ, ବରିଷ୍ଠ ନାଗରିକ ମଞ୍ଚର ସଭାପତି ଶେଷଦେବ ନାୟକ, ବଣିକ ସଂଘ ସଭାପତି କ୍ଷୀରୋଦ ଚନ୍ଦ୍ର ମାହାଲା, ଚଣ୍ଡିଖୋଲ ଘରୋଇ ବସ୍ ମାଲିକ ସଂଘ ସଭାପତି ଦିଲ୍ଲୀପ କୁମାର ଚୌଧୁରୀ, ଚଣ୍ଡିଖୋଲ ଟ୍ରକ୍ ମାଲିକ ସଂଘ ସଭାପତି ପୁଷ୍ପରାଜ ନାୟକ, ସମ୍ପାଦକ କୀର୍ତ୍ତିରାଜ ସ୍ୱାଇଁ, ଚଣ୍ଡିଖୋଲ କୋର୍ଟ ବାର ଆସୋସିଏସନ ସମ୍ପାଦକ ପ୍ରକାଶ ଦାସ, ସରକାରୀ ଓକିଲ ଦେବରାଜ ବେହେରା, ଅସ୍ଥାୟୀ ବଣିକ ସଂଘ ସମ୍ପାଦକ ସଞ୍ଜୟ କୁମାର ସ୍ୱାଇଁ ପ୍ରେସ କ୍ଲବ ସମ୍ପାଦକ ଦିଲ୍ଲୀପ କୁମାର ମହାନ୍ତି, ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରିଥିଲେ।

## ଅଜଣା ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**କୋରେଇ, ୧।୩(ସମିସ):** କୋରେଇ ଥାନା ବନ୍ଧୀ ଛକ ନିକଟସ୍ଥ ଭଙ୍ଗାବନ୍ଧହୁଡ଼ା ନିକଟରେ ଏକ ଅଘଟଣ ଘଟିଛି। ଶୁକ୍ରବାର ଅପରାହ୍ନରେ ବଗୁଲି ଗଛରୁ ଜଣେ ଅଜଣା ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଖବର ପାଇ ଯୁବକଙ୍କ ମୃତଦେହକୁ ପୁଲିସ ଉଦ୍ଧାର କରିଛି। ଶୁକ୍ରବାର ଅପରାହ୍ନରେ କେତେକ ଲୋକ କୋରେଇ ଥାନା ବନ୍ଧୀଛକ ନିକଟସ୍ଥ ଭଙ୍ଗାବନ୍ଧହୁଡ଼ା ଦେଇ ଯାଉଥିଲେ। ଏହି ସମୟରେ ଏକ ବଗୁଲି ଗଛରେ ଜଣେ ଯୁବକ ରଶି ଲଗାଇଥିବା ଦେଖିବାକୁ ପାଇଥିଲେ। ସେମାନେ କୋରେଇ ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି। ଯୁବକଙ୍କ କୌଣସି ପରିଚୟ ମିଳି ନ ଥିବାବେଳେ ଏହା ହତ୍ୟା ନା ଆତ୍ମହତ୍ୟା ତାହା ସ୍ପଷ୍ଟ ହୋଇନାହିଁ।

## ଶ୍ମଶାନ ପାଇଁ ଜମି ଯୋଗାଇ ଦେବାକୁ ଦାବି



**ବଡ଼ଚଣା, ୧।୩ (ସମିସ):** ବଡ଼ଚଣା ବ୍ଲକ ଅନ୍ତର୍ଗତ ବଡଘୁମୁରି ଗ୍ରାମରେ ଥିବା ଦଳିତ ସାହିରେ ଶବଦାହ କରିବା ପାଇଁ ଆବଶ୍ୟକ ଶ୍ମଶାନ ସ୍ଥାନ ନ ଥିବାରୁ ଲୋକେ ଶବ ସତ୍କାର କରିବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିପାଇଁ ଦଳିତସାହିର ଲୋକେ ଆଜି ଯାଜପୁର ଜିଲ୍ଲାପାଳଙ୍କୁ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଓଡ଼ିଶା ମାନବଧିକାର ରାଜ୍ୟ ସଭାପତି ମାଗୁଣି ଜେନା, ମନୋଜ ଜେନା, ସେକ ସଫିକ, ରାହାସ ବିହାରୀ ଜେନା, କାଞ୍ଚନ ଜେନା, ଅଶୋକ ସେଠୀ, ନୟନା ଜେନା, ରୀତା ଯେନା, ଟୁନି ଯେନା, ହୀରା ଜେନା, ରଞ୍ଜନ ଜେନା ପ୍ରମୁଖ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

### ୱାର୍ଡ଼ ସଭ୍ୟଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା

## ଅଭିଯୁକ୍ତ କୋଲକାତାରୁ ଗିରଫ; ପୁଲିସର ସିନ୍ ରିକ୍ରିଏସନ୍



**ଦଶରଥପୁର, ୧।୩ (ସମିସ):** ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗତମାସ ୨୪ ତାରିଖ ରାତିରେ କନିକାପଡ଼ା ପଞ୍ଚାୟତର ୱାର୍ଡ଼ ସଭ୍ୟ ନରେଶ ରାଉତ ଓରଫ୍ ମହନିଙ୍କୁ ସେହି ଅଞ୍ଚଳର ନୁରୀ ସେଠୀଙ୍କ ପୁଅ ବିଜୁ ସେଠୀ (୨୮) ମାରଣାସ୍ତ୍ରରେ ଆକ୍ରମଣ କରି ଲହୁଲୁହାଣ କରିଥିଲା।

ଆକ୍ରମଣରେ ଗୁରୁତର ନରେଶ ସଂକଟାପନ୍ନ ଅବସ୍ଥାରେ ଏବେ କଟକ ମେଡିକାଲରେ ଚିକିତ୍ସାଧୀନ ଥିବାବେଳେ ଘଟଣାକୁ ନେଇ ମଙ୍ଗଳପୁର ଥାନାରେ ଅଭିଯୋଗ ପରଠାରୁ ଅଭିଯୁକ୍ତ ବିଜୁ ସେଠୀ ଫେରାର ହୋଇଯାଇଥିଲା। ପୁଲିସ ମୋବାଇଲ ଟ୍ରାକିଂରୁ ଅଭିଯୁକ୍ତ ବିଜୁ ସେଠୀକୁ ପିଛା କରୁଥିବାବେଳେ ଗତ ୨୮ ତାରିଖ ବିଳମ୍ବିତ ରାତିରେ କୋଲକାତା ବାବୁଘାଟ ବସ୍‌ଷ୍ଟାଣ୍ଡରେ କାବୁ କରିଥିଲା। ଆଜି ତାକୁ ମଙ୍ଗଳପୁର ଥାନାକୁ ଅଣାଯିବା ସହିତ ଆକ୍ରମଣ ସ୍ଥଳକୁ ନିଆଯାଇ ପୁଲିସ ସିନ୍ ରିକ୍ରିଏସନ୍ କରିଥିଲା। ସିନ୍ ରିକ୍ରିଏସନ୍ ସମୟରେ ଅଭିଯୁକ୍ତ ବିଜୁ ଆକ୍ରମଣରେ ବ୍ୟବହାର କରିଥିବା ଧାରୁଆ କତାକୁ ଲୁଚାଇ ରଖିଥିବା ସ୍ଥାନରୁ ଆଣି ନିଜେ ପୁଲିସକୁ ହସ୍ତାନ୍ତର କରିଥିଲା। ସବୁ ପ୍ରକ୍ରିୟା ଶେଷରେ ପୁଲିସ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଭିଯୁକ୍ତ ବିଜୁର ସ୍ୱାସ୍ଥ୍ୟ ପରୀକ୍ଷା ପରେ କୋର୍ଟ ଚାଲାଣ କରିଥିଲା। ଜାମିନ୍ ନାମଞ୍ଜୁର ହେବାରୁ ଅଭିଯୁକ୍ତ ବିଜୁ ଜେଲ୍ ହାଜତରେ ଥିବା ଜଣାପଡ଼ିଛି।

## ଯମଧର ପଞ୍ଚାୟତରେ 'ଆମ ବ୍ୟାଙ୍କ୍' ଉଦ୍‌ଘାଟିତ



**ଯାଜପୁର, ୧।୩(ସମିସ):** ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟରେ 'ଆମ ବ୍ୟାଙ୍କ୍'ର ଶୁଭାରମ୍ଭ ହୋଇଛି। ଜମଧର ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଭିଡିଓ କନଫରେନ୍ସି ମାଧ୍ୟମରେ ଉଦଘାଟନ କରିଥିଲେ। ଆମ ବ୍ୟାଙ୍କ୍ ଜରିଆରେ ଜନସାଧାରଣ ସମସ୍ତ ସରକାରୀ ସୁବିଧା ସିଧାସଳଖ ପାଇପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପଞ୍ଚାୟତର ସବୁ ହିତାଧିକାରୀ ସୁବିଧାରେ ଓ ଠିକ୍ ସମୟରେ ନିଜର ପ୍ରାପ୍ୟ ପାଇପାରିବେ ଓ ପ୍ରତ୍ୟେକ ହିତାଧିକାରୀଙ୍କୁ ଆମ ବ୍ୟାଙ୍କ୍ ଜରିଆରେ ୧୫ ପ୍ରକାରର ସେବା ଯୋଗାଇଦେବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଉଦଘାଟନୀ ଉତ୍ସବରେ ଜମଧର ପଞ୍ଚାୟତର ସରପଞ୍ଚ ବାଦଲ ଖୁଣ୍ଟିଆ, ସମିତି ସଭ୍ୟ ଶେଖ୍ ମୋଜାହିଦ, ଯୁବନେତା ଫିରୋଜ ବାଦଶାହା, ପ୍ରଦୀପ ନାୟକ, ସମରଜିତ ପୃଷ୍ଟି, ଅଞ୍ଜନ ମାଝି, ନଥିପତ୍ର ପରିଚାଳିକା ଶୁଭସ୍ମିତା ନାୟକ, ମିଶନ ଶକ୍ତି ସଭାନେତ୍ରୀ ପ୍ରମିଳା ରାଉତ, ପିଇଓ ସୀତାରାଣୀ ସୋରେନ, ଶାଖା ପରିଚାଳକ ଉମେଶ ଚନ୍ଦ୍ର ବେହେରା ଓ ସହଯୋଗୀ ଶେଖ୍ ଫୈମ୍‌ଙ୍କ ସହ ପଞ୍ଚାୟତର ଶତାଧିକ ହିତାଧିକାରୀ ଉପସ୍ଥିତ ଥିଲେ।

## 'ଶିକ୍ଷା ବିଦ୍ୟାର୍ଥୀକୁ ବିନୟୀ କରି ଗଢ଼ିଥାଏ'

**ବିଞ୍ଝାରପୁର, ୧।୩(ସମିସ):** ଶିକ୍ଷା ବିଦ୍ୟାର୍ଥୀକୁ ବିନୟୀ ସ୍ୱଭାବଯୁକ୍ତ କରି ଗଢିଥାଏ ଓ ଶିକ୍ଷା ପ୍ରାପ୍ତି ପ୍ରତ୍ୟେକ ପିଲାର ମୌଳିକ ଅଧିକାର ବୋଲି ଆଜି ବିଞ୍ଝାରପୁର ବ୍ଲକର ପ୍ରୀତିପୁର ପଞ୍ଚାୟତରେ ଅବସ୍ଥିତ ରିଜିଓନାଲ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଦ୍ୱାବିଂଶତମ ବାର୍ଷିକ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ପୂର୍ବାହ୍ନ ୧୧ ଘଟିକା ସମୟରେ ବିଦ୍ୟାଳୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରୀତିପୁର, ବିତନା ଓ ଅଳକୁଣ୍ଡ ପଞ୍ଚାୟତର ବିଦ୍ୟାଳୟ ସମୂହ ଯୋଗଦାନ କରିଥିଲେ। ଅପରାହ୍ନ ୩ ଘଟିକା ସମୟରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଜୀବନଜ୍ୟୋତି ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ତଥା ବିଦ୍ୟାଳୟର ପ୍ରତିଷ୍ଠାତା ରତିଲାଲ ଭୂୟାଁ ସଭାପତିତ୍ୱ କରିଥିଲେ। ବିଞ୍ଝାରପୁର ବ୍ଲକ ଶିକ୍ଷାଧିକାରୀ ସୁବାସ ଚନ୍ଦ୍ର ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ସଭା ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସ୍ତମ୍ଭକାର ତଥା ସାମ୍ବାଦିକ ସୂର୍ଯ୍ୟମଣି ମିଶ୍ର ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ସମାଜସେବୀ କୈଳାସ ଚନ୍ଦ୍ର ଜେନା, ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ବ୍ଲକ ସଭାପତି ରବିନାରାୟଣ ମହାନ୍ତି, ଏନପିଏସ ଶିକ୍ଷକ ସଂଘର ସଭାପତି କ୍ଷୀରୋଦ କୁମାର ମଲିକ, ନ୍ୟୁଜ ଓଡ଼ିଶାର ପରିଚାଳନା ନିର୍ଦ୍ଦେଶକ ଲତିବ ଓଝା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ



ଚିନ୍ମୟ ମିଶନର ଅଧ୍ୟକ୍ଷ ଡ. ଚିନଦମୟ କୁମାର ଦାଶ ସଞ୍ଚାଳନ କରିଥିଲେ। ଶିକ୍ଷାବିତ୍ ରତନଲାଲ ଭୂୟାଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ସୁଧାଂଶୁବାଳା ରାଉତ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ବିଦ୍ୟାଳୟରେ ଅନୁଷ୍ଠିତ କ୍ରୀଡ଼ା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀନଙ୍କ ସହିତ ସାଂସ୍କୃତିକ ପ୍ରତିଯୋଗିତାରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ବିଦ୍ୟାର୍ଥୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ରଗଡ଼ି ପଲିଟେକ୍‌ନିକ୍ ଅଧ୍ୟକ୍ଷଙ୍କ ଅବସରକାଳୀନ ସଭା



କୋରେଇ, ୧।୩(ସମିସ): ଯାଜପୁର ଜିଲ୍ଲା କୋରେଇ ବ୍ଲକ ଅନ୍ତର୍ଗତ ରଗଡ଼ିରେ ଥିବା ପଲିଟେକନିକ୍ କଲେଜ ଅଧ୍ୟକ୍ଷ ରାଜେନ୍ଦ୍ର ପୃଷ୍ଟି ଅବସର ଗ୍ରହଣ କରିଛନ୍ତି। ସେ ଜଣେ ଛାତ୍ରବତ୍ସଳ, ପରୋପକାରୀ ସହିତ ଦକ୍ଷ ପ୍ରଶାସକ ଭାବେ ପରିଚିତ ଥିଲେ। ୨୦୧୪ରେ କଲେଜ ସ୍ଥାପିତ ହେବାଠାରୁ ଏ ପର୍ଯ୍ୟନ୍ତ ସେ ଅଧ୍ୟକ୍ଷ ଭାବେ ଦାୟିତ୍ୱ ତୁଲାଇ ଆସୁଥିଲେ। ଏହି ୧୦ ବର୍ଷ ମଧ୍ୟରେ ସେ କଲେଜର ବହୁ ଉନ୍ନତିମୂଳକ କାର୍ଯ୍ୟ କରିବା ସହିତ ଏହି କଲେଜକୁ ଓଡ଼ିଶାରେ ଏକ ନମ୍ବର କରିବା ତାଙ୍କର ଲକ୍ଷ୍ୟ ଥିଲା। ସେ ନିଷ୍ଠାର ସହିତ ସବୁ ଦାୟିତ୍ୱ ତୁଲାଇଥିଲେ। ଏ ପରିପ୍ରେକ୍ଷୀରେ କଲେଜ ପରିସରରେ ପୁରାତନ ଛାତ୍ର ଦେବରାଜ ମହାରଥୀ, ହାର୍ଦ୍ଦିକ ଚୌହାନ, ଶିବପ୍ରସାଦ ସାହୁ, ଶୁଭାଶିଷ ରାୟ, ବାବୁଲା ଜେନା ପ୍ରମୁଖଙ୍କ ଦ୍ୱାରା କଲେଜର ଛାତ୍ରଛାତ୍ରୀ, ଶିକ୍ଷକ ଓ କର୍ମଚାରୀଙ୍କୁ ନେଇ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଅଧ୍ୟକ୍ଷ ଶ୍ରୀ ପୃଷ୍ଟି କଲେଜରେ ବିତାଇଥିବା ୧୦ ବର୍ଷର ଅନୁଭୂତି ବଖାଣିଥିଲେ। ସେହିପରି ଶିକ୍ଷକ ଶୁଭେନ୍ଦୁ ମୁଦୁଲି, ସୁଚିତା ଧଳ, ଏକେ ମିଶ୍ର, ସ୍ୱାତୀ ପାଲ ପ୍ରମୁଖ ଯୋଗଦେଇ ଅଧ୍ୟକ୍ଷଙ୍କ କାର୍ଯ୍ୟଦକ୍ଷତା ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମକୁ କଲେଜର ସୁମନ ମୂର୍ତ୍ତି, ଏସକେ ଜାହିଦ ଅଲ୍ଲୀ, ସୌମ୍ୟରଞ୍ଜନ ସାହୁ, ଅନିକେତ ରାଉତ, ପବିତ୍ର କୁମାର ସ୍ୱାଇଁ, ସୁଶ୍ରୀ ଶୋହାନି ଧୀର, ରାକେଶ ଧଳ, ଅଭିଷେକ କୁମାର ପଣ୍ଡା, ଲକ୍ଷ୍ମୀ ରାଣୀ, ସୁପ୍ରିୟା ସିଂ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଯାଜପୁରରୋଡ୍ ପୁଲିସକୁ ବଡ଼ ସଫଳତା

# ୯ ବାଇକ୍ ଜବତ, ୫ ଅଭିଯୁକ୍ତ ଗିରଫ

ବ୍ୟାସନଗର, ୧।୩(ସମିସ)

**ଯାଜପୁରରୁ ଭଦ୍ରକ ଯାଏଁ ଲମ୍ବିଛି ର୍‍ୟାକେଟ୍**

ଏକ ବଡ଼ ବାଇକ୍ ଚୋରି ର୍‍ୟାକେଟ୍‌ର ପର୍ଦ୍ଦାଫାଶ କରିଛି ଯାଜପୁରରୋଡ୍ ଆଦର୍ଶ ଥାନା ପୁଲିସ। ଯାଜପୁର ଆରକ୍ଷୀ ଅଧୀକ୍ଷକ ବିନିତ ଅଗ୍ରୱାଲଙ୍କ ନିର୍ଦ୍ଦେଶକ୍ରମେ ବିଭିନ୍ନ ସ୍ଥାନରୁ ବାଇକ୍ ଚୋରି କରୁଥିବା ମୁଖ୍ୟ ଅଭିଯୁକ୍ତ ସହ ୫ ଜଣଙ୍କୁ ପୁଲିସ ଗିରଫ କରିବାରେ ସକ୍ଷମ ହୋଇଛି। ସେମାନଙ୍କ ନିକଟରୁ ୯ଟି ବାଇକ୍ ଜବତ ହୋଇଥିବା ଜଣାପଡ଼ିଛି।



ସୂଚନା ମୁତାବକ, ଯାଜପୁରରୋଡ ଆଦର୍ଶ ଥାନା ଅର୍ନ୍ତଗତ ବିଭିନ୍ନ ସ୍ଥାନରୁ ବାଇକ୍ ଚୋରି ହେଉଥିବା ଅଭିଯୋଗ ହେବା ପରେ ଯାଜପୁରରୋଡ ପୁଲିସ ପାଇଁ ଚୋରକୁ ଧରିବା ଏକପ୍ରକାର ଚ୍ୟାଲେଞ୍ଜ ସୃଷ୍ଟି କରିଥିଲା। ଏହି ଆଧାରରେ ବାଇକ ଚୋରି ହୋଇଥିବା ନେଇ ଗତ ଜାନୁଆରୀ ୧୭, ଫେବୃଆରୀ ୨୩ ଓ ୨୭ରେ ଯାଜପୁରରୋଡ୍ ଥାନାରେ ଅଭିଯୋଗ ଫଜାକୃତ ହେବା ପରେ ଯାଜପୁରରୋଡ ପୁଲିସ ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ ଏହି ବାଇକ୍ ଚୋରିର ମାଷ୍ଟରମାଇଣ୍ଡ ତଥା ମୁଖ୍ୟ ଅଭିଯୁକ୍ତ ଯାଜପୁରରୋଡ ଥାନା ଅର୍ନ୍ତଗତ ଦାନଗଦି ଗ୍ରାମର ରାଜେଶ ମହାକୁଡ(୨୩)କୁ ଅଟକ ରଖି ପଚାରାଉଚରା ପରେ ସେ ଚୋରି ବାଇକକୁ ବିଭିନ୍ନ ଲୋକଙ୍କୁ ବିକ୍ରି କରିଥିବା ସ୍ୱୀକାର କରିଥିଲା। ରାଜେଶର ବୟାନ ଆଧାରରେ ଯାଜପୁରରୋଡ ପୁଲିସ ଟିମ୍ ଓ ଦାନଗଦି ଫାଣ୍ଡି ଟିମ ଭଦ୍ରକ ଓ ଯାଜପୁରର ବିଭିନ୍ନ ସ୍ଥାନରେ ଚଢଉ କରିବା ସହିତ ୮ଟି ବାଇକ୍ ଜବତ କରିବା ସହିତ ଅନ୍ୟ ୪ ସହଯୋଗୀ (ଗାଡି କ୍ରୟକାରୀ) ଭଦ୍ରକ ଜିଲ୍ଲା ଭଦ୍ରକ ଗ୍ରାମୀଣ ଥାନା ଅର୍ନ୍ତଗତ ବଉଳପୋଖରୀ ଗ୍ରାମର ରାଜା ମଳିକ(୨୩), ଭଦ୍ରକ ଜିଲ୍ଲା ପିରହାଟ ଥାନା ମଙ୍ଗଳପୁର ଗ୍ରାମର ତ୍ରିନାଥ ମଳିକ(୨୦), ରଞ୍ଜନ ପଲେଇ(୧୯) ଓ ଯାଜପୁର ଜିଲ୍ଲା ପାଣିକୋଇଲି ଥାନା ଓଉପଦା ଗ୍ରାମର ସ୍ୱାଧୀନ ପରିଡ଼ା(୨୪)ଙ୍କୁ ଶୁକ୍ରବାର ଗିରଫ କରିଥିଲା। ଯାଜପୁରରୋଡ ପୁଲିସ୍ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ଥାନାଧିକାରୀ ଉପେନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

